ସକାଳ THE SAKALA
# ସିନ୍ଦୂରା
ରବିବାର
ଅକ୍ଟୋବର ୧୮ -୨୪, ୨୦୨୬
www.sakalaepaper.com

ଭାରତୀୟ ସଂସ୍କୃତିରେ ଦେବୀ ଉପାସନାର ପରମ୍ପରା ବହୁ ପ୍ରାଚୀନ। ଦୁଷ୍ଟଶକ୍ତିର ବିନାଶ ପାଇଁ ଭାରତବର୍ଷର ବିଭିନ୍ନ ସ୍ଥାନରେ ଜଗତ୍‌ଜନନୀ ମା' ଭିନ୍ନ ଭିନ୍ନ ରୂପରେ ଆବିର୍ଭୂତା। ବର୍ତ୍ତମାନ ପାର୍ବଣ ପାଇଁ ଓଡ଼ିଶାର ବିଭିନ୍ନ ଦେବୀ ପୀଠ ଚଳଚଞ୍ଚଳ। ଜଗତଜନନୀ ମା' ଦୁର୍ଗାଙ୍କ ପୂଜା ପାଇଁ ଉତ୍ସବ ମୁଖର ଗାଁଠାରୁ ସହର। ଅଧର୍ମ ଉପରେ ଧର୍ମର ଜୟ, ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ମା'ଙ୍କ ଆବିର୍ଭାବ। ସେ ଶକ୍ତି ସ୍ୱରୂପା, ମାତୃ ସ୍ୱରୂପିଣୀ। ଜଗତର କଲ୍ୟାଣ ପାଇଁ, ମଣିଷ ସମାଜର ମଙ୍ଗଳ କାମନା ନିମନ୍ତେ ସବୁଠି ଚାଲିଛି ମା'ଙ୍କ ପୂଜାର୍ଚ୍ଚନା। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା, ଦଶମହାବିଦ୍ୟା, ଶ୍ରୀକ୍ଷେତ୍ରରେ ମାତୃ ଆରାଧନା ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା।

ପ୍ରସ୍ତୁତି 'ସକାଳ' ବ୍ୟୁରୋ

# ଓଡ଼ିଶାରେ ଶାକ୍ତ ସଂସ୍କୃତି

**ଓଡ଼ିଶାରେ ଶକ୍ତି ଉପାସନା ବା ଶାକ୍ତ ସଂସ୍କୃତିର ଇତିହାସ ଅତି ପ୍ରାଚୀନ ଏବଂ ବୈଚିତ୍ର୍ୟମୟ। ଓଡ଼ିଆ ଜନଜୀବନ, ଧର୍ମଧାରା ଏବଂ ସଂସ୍କୃତି ସହିତ ମାତୃଶକ୍ତିର ପୂଜା ଆଦିମ କାଳରୁ ଗଭୀର ଭାବେ ଜଡ଼ିତ। ପ୍ରାଗୈତିହାସିକ ଯୁଗର ଗ୍ରାମଦେବତୀ ଓ ସ୍ତମ୍ଭେଶ୍ୱରୀ ପୂଜାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ତାନ୍ତ୍ରିକ ଏବଂ ପୌରାଣିକ ଦେବୀ ଆରାଧନା ପର୍ଯ୍ୟନ୍ତ ଓଡ଼ିଶାର ଶକ୍ତି ଉପାସନା ବିକଶିତ ହୋଇଛି।**

ପଣ୍ଡିତ ଦୈତ୍ୟାରି ମହାପାତ୍ର

ଓଡ଼ିଶାର ପ୍ରମୁଖ ଶକ୍ତି ପୀଠ ଏବଂ ଏହାର ଉପାସନା ହିନ୍ଦୁ ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଦେଖିବାକୁ ମିଳେ। ଭାରତର ପ୍ରମୁଖ ଚାରୋଟି ଆଦି ଶକ୍ତିପୀଠ ମଧ୍ୟରୁ ଦୁଇଟି ଓଡ଼ିଶାରେ ଅବସ୍ଥିତ। ଯାଜପୁରର ମା' ବିରଜା କ୍ଷେତ୍ରକୁ 'ନାଭି ଗୟା' ବା 'ବିରଜା କ୍ଷେତ୍ର' କୁହାଯାଏ। ଏଠାରେ ଦେବୀ ସତୀଙ୍କର ନାଭି ଅଂଶ ପଡ଼ିଥିବା ବିଶ୍ୱାସ କରାଯାଏ। ଏଠାରେ ମା' ଦ୍ୱିଭୁଜା ମହିଷାସୁର ମର୍ଦ୍ଦିନୀ ରୂପରେ ପୂଜା ପାଆନ୍ତି। ପୁରୀ ଶ୍ରୀକ୍ଷେତ୍ରରେ ମା' ବିମଳା ମନ୍ଦିର ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ଭିତରେ ରହିଛି। ଯାହାଙ୍କୁ 'ପାଦପୀଠ' ବୋଲି ଧରାଯାଏ। ଜଗନ୍ନାଥଙ୍କ ମହାପ୍ରସାଦ ମା' ବିମଳାଙ୍କ ପାଖରେ ସମର୍ପିତ ହେବା ପରେ ହିଁ 'ମହାପ୍ରସାଦ'ର ମାନ୍ୟତା ପାଇଥାଏ।

ଓଡ଼ିଶାର କୋଣ-ଅନୁକୋଣରେ ଅନେକ ଜଣାଶୁଣା ଦେବୀ ପୀଠ ରହିଛି, ଯେଉଁଠାରେ ବର୍ଷସାରା ଭକ୍ତଙ୍କ ଭିଡ଼ ଲାଗିରହେ। ତନ୍ମଧ୍ୟରୁ ସମ୍ବଲପୁରର ମା' ସମଲେଶ୍ୱରୀ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ। ଝଙ୍କଡ଼ର ମା' ଶାରଳା ବିଦ୍ୟା ଓ ସଂସ୍କୃତିର ଦେବୀ, ଯାହାଙ୍କ କୃପାରୁ ଶୂଦ୍ରମୁନି ସାରଳା ଦାସ ଓଡ଼ିଆ ମହାଭାରତ ରଚନା କରିଥିଲେ। କାକଟପୁରର ମା' ମଙ୍ଗଳା ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଦାରୁ ଅନ୍ୱେଷଣ ପାଇଁ ମା' ମଙ୍ଗଳାଙ୍କ ଆଜ୍ଞାମାଳ ନେବାର ପରମ୍ପରା ବହୁ ପ୍ରାଚୀନ କାଳରୁ ରହିଆସିଛି। ଗଞ୍ଜାମର ମା' ତାରାତାରିଣୀ ଋଷିକୁଲ୍ୟା ନଦୀ କୂଳରେ କୁମାରୀ ପାହାଡ଼ ଉପରେ ପ୍ରସିଦ୍ଧ ପୀଠ ଅବସ୍ଥିତ। ଏଠାରେ ଦୁଇ ଭଉଣୀ ତାରା ଓ ତାରିଣୀଙ୍କ ରୂପରେ ପ୍ରତ୍ୟକ୍ଷ ଭାବେ ପୂଜିତା।

ଓଡ଼ିଶାର ଶକ୍ତି ଉପାସନାରେ ତନ୍ତ୍ର ସାଧନାର ଏକ ପ୍ରଭାବଶାଳୀ ଇତିହାସ ରହିଛି। ନବମ-ଦଶମ ଶତାବ୍ଦୀରେ ଭୌମକର ରାଜତ୍ୱ କାଳରେ ଏହା ଶୀର୍ଷରେ ଥିଲା। ଭୁବନେଶ୍ୱରର ବୈତାଳ ଦେଉଳ ଏବଂ ହୀରାପୁର ତଥା ବଲାଙ୍ଗୀରର ରାଣୀପୁର ଝରିଆଲଠାରେ ଥିବା ଚଉଷଠୀ ଯୋଗିନୀ ମନ୍ଦିର ଓଡ଼ିଶାର ତାନ୍ତ୍ରିକ ଶକ୍ତି ଉପାସନାର ଜ୍ୱଳନ୍ତ ଉଦାହରଣ।

## ଶକ୍ତିକ୍ଷେତ୍ର

ଯୁଗେ ଯୁଗେ ଓଡ଼ିଶାକୁ ଶକ୍ତି କ୍ଷେତ୍ରର ମାନ୍ୟତା ଦିଆଯାଇଛି। ପ୍ରାୟ ଷଷ୍ଠ ଶତାବ୍ଦୀର ଆରମ୍ଭରୁ ବୌଦ୍ଧ ମତବାଦର ଠିକ୍ ପରେ ପରେ ଓଡ଼ିଶାରେ ପାରମ୍ପରିକ ଶକ୍ତି ଉପାସନା କ୍ରମଶଃ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସମାଜରେ ଆଦର ଲାଭ କରିଥିଲା। ଫଳରେ ଶକ୍ତି ଉପାସନା ଉପରେ ବିଭିନ୍ନ ପୁରାଣଶାସ୍ତ୍ର, ତନ୍ତ୍ରଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ପ୍ରଣୀତ ହୋଇଥିଲା। ମନ୍ଦିରମାଳିନୀ ଓଡ଼ିଶାରେ ଶକ୍ତିପୂଜା ଓ ଉପାସନା ନିମିତ୍ତ ସ୍ୱତନ୍ତ୍ର ଭାବେ ଯେଉଁ ମନ୍ଦିରମାନ ନିର୍ମିତ ହୋଇଥିଲା, ତନ୍ମଧ୍ୟରେ ଭୁବନେଶ୍ୱରର ମୋହିନୀ, କପାଳିନୀ, ଗୌରୀ, ପୁରୀର ହରଚଣ୍ଡୀ, ବିମଳା, ଖିଚିଂର କୀଚକେଶ୍ୱରୀ, କଟକର ମା' କଟକ ଚଣ୍ଡୀ, ମା' ଗଡ଼ଚଣ୍ଡୀ, ଯାଜପୁରର ମା' ଦୁର୍ଗା, ମା' ବିରଜା, କାକଟପୁରର ମା' ମଙ୍ଗଳା, ବାଙ୍କୀର ମା' ଚର୍ଚ୍ଚିକା, ଚୌରାଶିର ମା' ବାରାହୀ, ଝଙ୍କଡ଼ର ମା' ଶାରଳା, ଭଦ୍ରକର ମା' ଭଦ୍ରକାଳୀ, ମା' କୁଣ୍ଡିକାଳୀ, ମା' ଧମରାଇ, ମା' କାଳୀତାରା, ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିର, ବାଣପୁରର ମା' ଭଗବତୀ, ମା' ନାରାୟଣୀ, ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ, ମା' ମେଟାକାନୀ, ପାଟଣାଗଡ଼ର ମା' ପାଟଣେଶ୍ୱରୀ, କୋଣାର୍କର ମା' ରାମଚଣ୍ଡୀ, ବଡ଼ମ୍ବାର ମା' ଭଟ୍ଟାରିକା, ଅନୁଗୁଳର ମା' ହିଙ୍ଗୁଳା, ଖୋର୍ଦ୍ଧାର ମା' ଉଗ୍ରତାରା, କେନ୍ଦୁଝରର ମା' ତାରିଣୀ ଆଦି ମନ୍ଦିର ସହିତ ପୁରୀ ଓ ଯାଜପୁରର ସପ୍ତମାତୃକା ମନ୍ଦିର, ହୀରାପୁର ଓ ରାଣୀପୁର ଝରିଆଲର ଚଉଷଠି ଯୋଗିନୀ ଏବଂ ଭୁବନେଶ୍ୱରର ବାଲକାଟିର ଚଉଷଠି ଯୋଗିନୀ ମନ୍ଦିରର ନାମ ଉଲ୍ଲେଖଯୋଗ୍ୟ। ଏତଦ ବ୍ୟତୀତ କଟକ ଜିଲ୍ଲାର ମାହାଙ୍ଗା ନିକଟବର୍ତ୍ତୀ ନୂଆଗାଁରେ ଏକ ଅଦ୍ୱିତୀୟ ଅତିକାୟା ମହିଷମର୍ଦ୍ଦିନୀ ମୂର୍ତ୍ତି ପୂଜିତା ହେଉଛନ୍ତି। ମହିଷମର୍ଦ୍ଦିନୀ ମୂର୍ତ୍ତି ସମସ୍ତ ପ୍ରାଚୀନ ଶିବ ମନ୍ଦିରର ଉତ୍ତର ପାର୍ଶ୍ୱରେ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଛନ୍ତି। ସପ୍ତମାତୃକାଙ୍କ ମଧ୍ୟରେ ଚାମୁଣ୍ଡାଙ୍କ ନାମ ଥିଲେ ମଧ୍ୟ ଭୁବନେଶ୍ୱରର କପାଳିନୀ ବୈତାଳ ମନ୍ଦିର, ମୟୂରଭଞ୍ଜ ଜିଲ୍ଲାର ଖିଚିଂ, ପୋଡ଼ାଗଡ଼ି, ବଡ଼ସାହି, କେଶରପୁରଠାରେ ତାଙ୍କୁ ସ୍ୱତନ୍ତ୍ର ଭାବେ ପୂଜା କରାଯାଏ।

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଶାକ୍ତ ମନ୍ଦିର ଓ ଶାକ୍ତ ଦେବୀମୂର୍ତ୍ତିମାନ ରହିଛି। ଶାକ୍ତ ମତ ଅନୁସାରେ ସେଠାରେ ଉପାସନାର ପ୍ରଚଳନ ରହିଛି। ଏତତ୍ ବ୍ୟତୀତ ଓଡ଼ିଶାର ପ୍ରତି ଗ୍ରାମରେ ଗ୍ରାମଦେବତୀ ଭାବେ ମା' ମଙ୍ଗଳା ପୂଜା ପାଇଥାନ୍ତି। ପ୍ରାଚୀନ କାଳରୁ ପୁରୀ ଏବଂ ଭୁବନେଶ୍ୱର ଅନ୍ୟତମ ଶାକ୍ତପୀଠ ରୂପେ ଖ୍ୟାତି ଲାଭ କରିଆସିଛି। ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଭୁବନେଶ୍ୱରରେ ଶାକ୍ତ ମତବାଦର ସ୍ମାରକୀ ରୂପେ ବହୁ ମନ୍ଦିର ଓ ମୂର୍ତ୍ତି ନିର୍ମିତ ହୋଇଥିଲା। ଶାକ୍ତଧାରାରେ କାପାଳିକମାନେ ଚାମୁଣ୍ଡା ବା କପାଳିନୀଙ୍କୁ ତାନ୍ତ୍ରିକ ରୀତିରେ ଆରାଧନା ଦ୍ୱାରା ବେତାଳ ସିଦ୍ଧି କରୁଥିଲେ। ତେଣୁ ଭୁବନେଶ୍ୱରସ୍ଥ ବୈତାଳ ମନ୍ଦିରରେ ତିନି ମୁଣ୍ଡିଆ ଦେଉଳ ନାମକରଣ ତଦନୁଯାୟୀ ହୋଇଥିବାର କିମ୍ବଦନ୍ତୀ କୁହେ। ତ୍ରିଭୁବନ ମହାଦେବୀଙ୍କ ଦ୍ୱାରା ନିର୍ମିତ ଉକ୍ତ ବୈତାଳଙ୍କ ମନ୍ଦିରରେ ଅର୍ଦ୍ଧନାରୀଶ୍ୱର ଶିବ ଓ ମହିଷାସୁରମର୍ଦ୍ଦିନୀ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଥିବାର ଦେଖାଯାଏ। ସିଦ୍ଧଗୌରୀ ବା ଗୌରୀ ଦେବୀଙ୍କ ଦ୍ୱାରା ନିର୍ମିତ ଗୌରୀ ମନ୍ଦିରରେ ଗୌରୀ ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜା ପାଇଆସୁଛନ୍ତି।

କବିବର ରାଧାନାଥ ରାୟଙ୍କ 'କେଦାର ଗୌରୀ' କାବ୍ୟ ଏହାର ଜ୍ୱଳନ୍ତ ଉଦାହରଣ। ଭୁବନେଶ୍ୱରର କେଦାରଗୌରୀ, ଶିଶିରେଶ୍ୱର, ଦ୍ୱାରବାସିନୀ, ଉତ୍ତରେଶ୍ୱର, ଶିଖରଚଣ୍ଡୀ ଏବଂ ମୋହିନୀ ଦେବୀଙ୍କ ଦ୍ୱାରା ନିର୍ମିତ ମୋହିନୀ ମନ୍ଦିର ଗାତ୍ରରେ ବହୁ ମହିଷମର୍ଦ୍ଦିନୀ ମୂର୍ତ୍ତି ଥିବାର ଦେଖାଯାଏ। ଏହି କ୍ଷେତ୍ରର କ୍ଷେତ୍ରାଧିଷ୍ଠାତ୍ରୀ ଶକ୍ତି ରୂପେ ବରାହୀ, ଭୂବାସିନୀ, ମୋହିନୀ, ଗୌରୀ, କାତ୍ୟାୟନୀ, ଭୁବନେଶ୍ୱରୀ, ଦ୍ୱାରବାସିନୀ ଓ ରାମଚଣ୍ଡୀ ଆଦି ଅଷ୍ଟଚଣ୍ଡିକା ନାମରେ ପୂଜା ପାଉଛନ୍ତି।

ଭାରତୀୟ ତନ୍ତ୍ର ଶାସ୍ତ୍ରରେ ଓଡ଼ିଶାକୁ ଶକ୍ତି ଉପାସନାର ଆଦ୍ୟ ପୀଠ ରୂପେ ମାନ୍ୟତା ଦିଆଯାଇଛି। କୁହାଯାଇଛି "ଉଡ୍ରାଖ୍ୟଂ ଆଦ୍ୟ ପୀଠମ୍ ଭାରତବର୍ଷେ।" ପ୍ରାଚୀନ ଉତ୍କଳର ବିଭିନ୍ନ ମନ୍ଦିର ଜୈନ, ବୌଦ୍ଧ ଓ ହିନ୍ଦୁ ମତବାଦ ଅନୁସାରେ ପୂର୍ବରୁ ଉପାସିତ ହେଉଥିବା ଶତ ଶତ ଦେବୀ ମୂର୍ତ୍ତି ଓ ବିଭିନ୍ନ ରୂପ ଓ ନାମରେ ଅଦ୍ୟାବଧି ପୂଜା ପାଉଛନ୍ତି। ଉତ୍କଳରେ ଅସଂଖ୍ୟ ଲୋକ ଦେବୀ ଓ ଗ୍ରାମଦେବୀଙ୍କୁ ଦେଖିଲେ ପୂର୍ବୋକ୍ତିର ସତ୍ୟତା ଓ ଯଥାର୍ଥତା ପ୍ରମାଣିତ ହୁଏ।



## ଶକ୍ତି ତତ୍ତ୍ୱ

ଶକ୍ତି ତତ୍ତ୍ୱ ହେଉଛି ଭାରତୀୟ ସଂସ୍କୃତି, ଦର୍ଶନ ଏବଂ ଶାକ୍ତ ପରମ୍ପରାର ଏକ ମୂଳଦୁଆ। ଏହି ତତ୍ତ୍ୱ ଅନୁସାରେ, ଶକ୍ତି ହେଉଛି ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଏବଂ ବିନାଶର ମୂଳ କାରଣ। ପୁରାଣ ଶାସ୍ତ୍ରର ବର୍ଣ୍ଣନା ଅନୁଯାୟୀ, ଭଗବାନ ଶିବ ଓ ଶକ୍ତିଙ୍କ ମିଳନରେ ହିଁ ସୃଷ୍ଟି ପ୍ରକ୍ରିୟା ସମ୍ଭବ ହୋଇଥାଏ। ଭଗବାନ ଶିବ ହେଉଛନ୍ତି ପରମ ପୁରୁଷ (ଚେତନା) ଏବଂ ମାଆ ଶକ୍ତି ହେଉଛନ୍ତି ପ୍ରକୃତି (କ୍ରିୟା)। ଜଣକ ବିନା ଅନ୍ୟ ଜଣେ ସମ୍ପୂର୍ଣ୍ଣ ଅସମ୍ପୂର୍ଣ୍ଣ। ଶିବ ଶାନ୍ତ ବା ନିଷ୍କ୍ରିୟ ଚେତନା ହୋଇଥିବାବେଳେ, ଶକ୍ତି ହେଉଛନ୍ତି ତାଙ୍କର ସକ୍ରିୟ ସାମର୍ଥ୍ୟ। ଶକ୍ତିଙ୍କ ବିନା ଶିବ 'ଶବ' ସଦୃଶ।

ଶକ୍ତିର ତିନୋଟି ମୁଖ୍ୟ ରୂପ (ଗୁଣ) ବ୍ରହ୍ମାଣ୍ଡ ପରିଚାଳନା ପାଇଁ ତିନୋଟି ମୁଖ୍ୟ ଧାରାରେ କାର୍ଯ୍ୟ କରିଥାନ୍ତି। ସେହି ତିନି ଶକ୍ତି ହେଉଛି - ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଏବଂ କ୍ରିୟାଶକ୍ତି। ଦେବୀଙ୍କର ଇଚ୍ଛା ଶକ୍ତି ହେଉଛି ସୃଷ୍ଟି କରିବାର ସଂକଳ୍ପ ବା ଇଚ୍ଛା (ମହାକାଳୀ/ତାମସିକ ଗୁଣ)। ଦେବୀଙ୍କ ଜ୍ଞାନ ଶକ୍ତି ହେଉଛି ସୃଷ୍ଟି ପାଇଁ ଆବଶ୍ୟକ ଜ୍ଞାନ ଓ ବୁଦ୍ଧି (ମହାସରସ୍ୱତୀ/ସାତ୍ତ୍ୱିକ ଗୁଣ)। ଏବଂ ଦେବୀଙ୍କର କ୍ରିୟା ଶକ୍ତି ହେଉଛି ଜ୍ଞାନ ଓ ଇଚ୍ଛାକୁ ବାସ୍ତବତାରେ ରୂପାନ୍ତରିତ କରିବାର କ୍ଷମତା (ମହାଲକ୍ଷ୍ମୀ/ରାଜସିକ ଗୁଣ)।

ଶକ୍ତି ତତ୍ତ୍ୱ ଅନୁଯାୟୀ, ଜଗତର ସମସ୍ତ ଗତିଶୀଳତା ଶକ୍ତିଙ୍କ ଦ୍ୱାରା ହିଁ ନିୟନ୍ତ୍ରିତ। ସେ ହିଁ ମାୟା ରୂପରେ ଜୀବକୁ ସଂସାର ସହ ବାନ୍ଧି ରଖିଥାନ୍ତି ଏବଂ ମୋକ୍ଷ ଦାୟିନୀ ରୂପରେ ମଧ୍ୟ ମୁକ୍ତି ମଧ୍ୟ ପ୍ରଦାନ କରିଥାନ୍ତି। ମାନବ ଶରୀରରେ ଶକ୍ତି କୁଣ୍ଡଳିନୀ ରୂପରେ ମେରୁଦଣ୍ଡର ନିମ୍ନଭାଗରେ (ମୂଳାଧାର ଚକ୍ରରେ) ସୁପ୍ତ ଅବସ୍ଥାରେ ଥାଆନ୍ତି। ଯୋଗ ଏବଂ ସାଧନା ଦ୍ୱାରା ଏହି ଶକ୍ତି ଜାଗ୍ରତ ହୋଇ ଉପରକୁ ଗତି କରେ। ସହସ୍ରାର ଚକ୍ରରେ ଶିବଙ୍କ ସହ ମିଳିତ ହେଲେ ମନୁଷ୍ୟ ପରମାନନ୍ଦ ବା ମୋକ୍ଷ ଲାଭ ପ୍ରାପ୍ତି ହୋଇଥାଏ।

ଶକ୍ତି ଉପାସନା ହେଉଛି ହିନ୍ଦୁ ଧର୍ମର ଏକ ପ୍ରମୁଖ ଓ ପ୍ରାଚୀନ ପରମ୍ପରା। ଯେଉଁଠାରେ ସର୍ବଶକ୍ତିମାନ ଭଗବାନଙ୍କୁ 'ମାତା' ବା 'ଶକ୍ତି' ରୂପରେ ଏକାନ୍ତ ଭକ୍ତିର ସହିତ ପୂଜା କରାଯାଇଥାଏ। ଏହି ପରମ୍ପରାକୁ ଶାକ୍ତ ପନ୍ଥା ବା ଶାକ୍ତ ପରମ୍ପରା କୁହାଯାଏ। ଭାରତୀୟ ସଂସ୍କୃତି ଓ ବିଶେଷ କରି ଓଡ଼ିଶାରେ ଶକ୍ତି ଉପାସନାର ଏକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି।

ଦେବୀ ଆଦ୍ୟା ସନାତନୀ ହେଉଛନ୍ତି ଶକ୍ତିର ସ୍ୱରୂପ। ସେ ଆଦ୍ୟାଶକ୍ତି ମା' ଦୁର୍ଗା, ମା' କାଳୀ, ମା' ସରସ୍ୱତୀ ଏବଂ ମା' ଲକ୍ଷ୍ମୀଙ୍କୁ ଶକ୍ତିର ବିଭିନ୍ନ ରୂପ ଭାବେ ପୂଜା କରାଯାଏ। ସେ ସୃଷ୍ଟି, ସ୍ଥିତି ଓ ବିନାଶର ମୂଳ କାରଣ। ମାଆ ହେଉଛନ୍ତି ନାରୀ ଶକ୍ତିର ପ୍ରତୀକ। ଆମ ସଂସ୍କୃତିରେ ଶକ୍ତି ଉପାସନା ଦର୍ଶାଏ ଯେ, ସଂସାରର ସମସ୍ତ ଶକ୍ତିର ଆଧାର ହେଉଛି ମାତୃଶକ୍ତି।

ଓଡ଼ିଶାକୁ ମୁଖ୍ୟତଃ ଏକ ପ୍ରମୁଖ ଶକ୍ତି ପୀଠ ଭାବେ ଗଣନା କରାଯାଏ। ଏଠାରେ ଅନେକ ପ୍ରସିଦ୍ଧ ଶକ୍ତି ପୀଠ ରହିଛି। ଶକ୍ତି ଉପାସନା କେବଳ ଧାର୍ମିକ ରୀତିନୀତି ମଧ୍ୟରେ ସୀମିତ ନୁହେଁ, ଏହା ମନୁଷ୍ୟ ଭିତରେ ଥିବା ଆସୁରିକ ପ୍ରବୃତ୍ତିକୁ ବିନାଶ କରି ଆଧ୍ୟାତ୍ମିକ ଚେତନା ଓ ସକାରାତ୍ମକ ଶକ୍ତି ଜାଗ୍ରତ କରିବାର ଏକ ମାଧ୍ୟମ। ଏହି ସବୁକୁ ଦୃଷ୍ଟିରେ ରଖି ଆଶ୍ୱିନ ମାସରେ ଭକ୍ତମାନେ ନବରାତ୍ର ବ୍ରତ ପାଳନ କରିବା ସହିତ ଦୁର୍ଗାପୂଜା ବା ଦୁର୍ଗା ଉପାସନା ବ୍ରତ ରଖିଥାନ୍ତି। ■

ଓଡ଼ିଆ ଭାଷା ସାହିତ୍ୟ ବିଶେଷଜ୍ଞ
ଭଦ୍ରକ, ଓଡ଼ିଶା, ମୋ: ୮୭୬୩୫୪୮୨୦୨

## ଆଦିବାସୀ ଓ ଗ୍ରାମ୍ୟ ପରମ୍ପରା

ଓଡ଼ିଶାର ଶକ୍ତି ପୂଜାର ମୂଳ ଭିତ୍ତି ଆଦିବାସୀ ସଂସ୍କୃତି ସହ ଜଡ଼ିତ। ଗ୍ରାମାଞ୍ଚଳରେ ପୂଜା ପାଉଥିବା 'ଗ୍ରାମଦେବତୀ' କିମ୍ବା ପଶ୍ଚିମ ଓଡ଼ିଶାର 'ଖମ୍ବେଶ୍ୱରୀ' ବା 'ସ୍ତମ୍ଭେଶ୍ୱରୀ' ମାତୃଶକ୍ତିର ଆଦିମ ରୂପ, ଯାହା ପରବର୍ତ୍ତୀ ସମୟରେ ହିନ୍ଦୁ ଧର୍ମରେ ସଂସ୍କୃତିକରଣ ହୋଇ ଦେବୀ ରୂପେ ପୂଜା ପାଇଲେ। ଶରତ ଋତୁରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜା ଓ ଷୋଡ଼ଶ ଦିନାତ୍ମକ ଶାରଦୀୟ ପାର୍ବଣ ପୂଜା ଓଡ଼ିଶାରେ ଶକ୍ତି ଉପାସନାର ସବୁଠାରୁ ବଡ଼ ଉତ୍ସବ। ଏହା ବ୍ୟତୀତ ଚୈତ୍ର ପର୍ବ, ହିଙ୍ଗୁଳା ଯାତ୍ରା ଏବଂ ପୁରୀର ପ୍ରସିଦ୍ଧ ଗୋଷାଣୀ ଯାତ୍ରା ଆଦି ଓଡ଼ିଶାର ସ୍ୱତନ୍ତ୍ର ଶାକ୍ତ ପରମ୍ପରାକୁ ଦର୍ଶାଇଥାଏ।

ଶ୍ରୀକ୍ଷେତ୍ର ଓ ଶ୍ରୀକ୍ଷେତ୍ର ବିହାରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରହସ୍ୟ ଭେଦ କରିବା କାହାରି ପକ୍ଷେ ସମ୍ଭବ ନୁହେଁ । ସେ ଆଦି, ସେ ଅନାଦି । ସେ ଗୁଣମୟ ପୁଣି ଗୁଣାତୀତ । ଯେଉଁ ପୁରୁଷୋତ୍ତମ ରହସ୍ୟକୁ ଦେବତାମାନେ ଜ୍ଞାତ ହୋଇପାରନ୍ତି ନାହିଁ, ଛାର ମନୁଷ୍ୟ କ'ଣ ବା ଜାଣିବ? ସମଗ୍ର ଜଗତରେ ଦାରୁବ୍ରହ୍ମ ଜଗନ୍ନାଥ ହେଉଛନ୍ତି ସର୍ବଶ୍ରେଷ୍ଠ ଦେବତା । ସବୁ ତତ୍ତ୍ୱର ମିଳନସ୍ଥଳ ଶ୍ରୀକ୍ଷେତ୍ର । ଏହି ରହସ୍ୟମୟ ଜଗନ୍ନାଥଙ୍କର ଶ୍ରୀବିଗ୍ରହରେ ସମସ୍ତ ତତ୍ତ୍ୱ ନିହିତ ଅଛି । ତେଣୁ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର ଓ ସମସ୍ତ ଉପାସକମାନେ ଶ୍ରୀଜଗନ୍ନାଥଙ୍କୁ ସ୍ୱ ସ୍ୱ ଦେବତା ବୋଲି ଦାବି କରିଥାନ୍ତି ।

# ଶ୍ରୀକ୍ଷେତ୍ରରେ ଦେବୀ ଉପାସନା

# ଦେବୀ ଆରାଧନା

ଡକ୍ଟର ତ୍ରିନାଥ ପଟ୍ଟନାୟକ

**ଭାରତରେ ଦୁର୍ଗୋତ୍ସବ ପାଳନର ପରମ୍ପରା ଅତି ପ୍ରାଚୀନ । ପ୍ରାଗ୍‌ବୈଦିକ କାଳରୁ ମଧ୍ୟ ମାତୃ ଆରାଧନା କରାଯାଇଛି । କେତେ ପଣ୍ଡିତ ମତ ପ୍ରକାଶ କରନ୍ତି ଯେ, ବେଦରେ ମାତୃପୂଜାର ସୂଚନା ନାହିଁ । ମାତ୍ର ସେହି ଭ୍ରମ ଦୂର କରିବା ନିମନ୍ତେ ଆମେ ବେଦ ପର୍ଯ୍ୟାଲୋଚନା କରିବା । ପ୍ରଥମେ ଆମେ ଅତି ପ୍ରାଚୀନ ଋଗ୍‌ବେଦକୁ ଦେଖିବା –**

"ଯଦନ୍ତଃ ସ୍ଥାନି ଭୂତାନି,
ଯତଃ ସର୍ବ ପ୍ରବର୍ତ୍ତତେ,
ଯଦା ହୁସ୍ତତ୍ ପରଂ ତତ୍ତ୍ୱଂ,
ସାଦ୍ୟୋଃ ଭଗବତୀ ସ୍ୱୟମ୍ ।"

ଅର୍ଥାତ୍ ସମସ୍ତ ଭୂତପ୍ରାଣୀ, ଯେଉଁମାନେ ବ୍ରହ୍ମାଣ୍ଡ-ଭାଣ୍ଡୋଦରର ଅନ୍ତର୍ଗତ, ସମସ୍ତ ଜଗତ ଯେଉଁ ଶକ୍ତି ଦ୍ୱାରା ପ୍ରବର୍ତ୍ତିତ ଯାହାକୁ ତ୍ରିଜଗତ ପରମତତ୍ତ୍ୱ କହି ସମ୍ବୋଧନ କରେ ଓ କୀର୍ତ୍ତନ କରେ, ସେହି ଦେବୀ ଭଗବତୀ ସ୍ୱୟଂ ସାକ୍ଷାତ୍, ବ୍ରହ୍ମ ଅଟନ୍ତି । 'ଯଜୁର୍ବେଦ'ରେ ଶକ୍ତି ତତ୍ତ୍ୱ ନିମ୍ନମତେ ବର୍ଣ୍ଣନା କରାଯାଇଛି :-

"ଯା ଯଜ୍ଞେ ରଖିଲୈରୀଶା,
ଯୋଗେନ ଚ ସମଦ୍ୟତେ,
ଯତଃ ପ୍ରମାଣଂ ହିଁ ଦୟଂ,
ସୈକା ଭଗବତୀ ସ୍ୱୟଂ ।"

ଯେଉଁ ଈଶ୍ୱରୀ ନିଖିଳ ଯଜ୍ଞ ଦ୍ୱାରା ଓ ଯୋଗ ଦ୍ୱାରା ଆରାଧିତା, ଯାହାଙ୍କର ପ୍ରଭାବରେ ପରିଗଣିତ, ସେହି ଏକମାତ୍ର ଭଗବତୀ, ସ୍ୱୟଂ ବ୍ରହ୍ମ ଅଟନ୍ତି । ଭକ୍ତି ବଳରେ ଅନୁଗୃହୀତ ହୋଇ ଜନସାଧାରଣ ଯେଉଁ ସୁରେଶ୍ୱରୀ ଦର୍ଶନ ଲାଭ କରିପାରନ୍ତି ସର୍ବଶାସ୍ତ୍ର ସେହି ଦୁର୍ଗାଙ୍କୁ ବ୍ରହ୍ମ ରୂପେ ସ୍ୱୀକାର କରି ଗୁଣ କୀର୍ତ୍ତନ କରୁଥାନ୍ତି ।

ମାର୍କଣ୍ଡେୟ ପୁରାଣରେ ଉଲ୍ଲେଖ ଅଛି ମେଧା ଋଷିଙ୍କଠାରୁ ଚନ୍ଦ୍ରବଂଶୀ ରାଜା ସୁରଥ ଶ୍ରୀଦୁର୍ଗା ମହିମା ଶ୍ରବଣ କରି ସର୍ବପ୍ରଥମେ ଦେବୀ ଦୁର୍ଗାଙ୍କର ଆରାଧନା କରିଥିଲେ ଓ ସାବର୍ଣ୍ଣି ମନୁ ଉପାଧି ଲାଭ କରିଥିଲେ । ଆଉ ମଧ୍ୟ କୁହାଯାଏ ଶ୍ରୀରାମ ଚନ୍ଦ୍ର ରାବଣ ବଧ ନିମନ୍ତେ ଶରତ କାଳରେ ଦୁର୍ଗାପୂଜା ଆରମ୍ଭ କରିଥିଲେ । ଭଗବାନ ବ୍ୟାସଙ୍କ ମହାଭାରତ ବର୍ଣ୍ଣନା ଅନୁଯାୟୀ ଅର୍ଜୁନ କୁରୁକ୍ଷେତ୍ର ଯୁଦ୍ଧରେ ଜୟଲାଭ କରିବା ନିମନ୍ତେ ଦୁର୍ଗା ସ୍ତୁତି କରିଥିଲେ ।

ଶ୍ରୀଚଣ୍ଡୀରେ ବର୍ଣ୍ଣିତ ରାଜା ସୁରଥଙ୍କ ସହିତ ଅନ୍ୟ ଯେଉଁ ବ୍ୟକ୍ତି ଜଣକ ମେଧା ଋଷିଙ୍କଠାରୁ ଦେବୀ ଚରିତ ଶ୍ରବଣ କରିଥିଲେ । ସେ ସମାଧି ବୈଶ୍ୟ । ସମାଧି ବୈଶ୍ୟ ହେଉଛନ୍ତି ଓଡ଼ିଆ । ଏଣୁ ସମାଧି ବୋଧେ ସର୍ବପ୍ରଥମେ ଚଣ୍ଡୀପୂଜା ଓଡ଼ିଶାରେ ଆରମ୍ଭ କରିଥିଲେ । ବଙ୍ଗଳାରେ ଦୁର୍ଗୋତ୍ସବ ମୃଣ୍ମୟୀ ରୂପରେ ବିଶେଷ ଭାବରେ ପୂଜା ପାଉଥିଲେ ହେଁ ଓଡ଼ିଶାରେ ଦେବୀପୂଜା ପ୍ରତୀକ ତଥା ମୂର୍ତ୍ତି ରୂପେ ସାରା ଭାରତରେ ପ୍ରଥମ ପୂଜାର ଗୌରବ ବହନ କରିଛି । ଭାରତର ୫୧ ଗୋଟି ଚଣ୍ଡିପୀଠ ମଧ୍ୟରେ ଉତ୍କଳ ଅନ୍ୟତମ ଶକ୍ତିପୀଠ । ଦେବୀଙ୍କର ନାଭିଦେଶ ଉତ୍କଳ କ୍ଷେତ୍ରରେ ପଡ଼ିଥିଲା ।

ଏଠାରେ ଦେବୀ ବିମଳା ହେଉଛନ୍ତି ଭୈରବୀ ଓ ଶ୍ରୀଜଗନ୍ନାଥ ହେଉଛନ୍ତି ଭୈରବ । ମହାଭାରତରେ ବର୍ଣ୍ଣିତ ଅଛି ଯେ, ଲୋମଶ ଋଷିଙ୍କ ସହିତ ପାଣ୍ଡବମାନେ ଉତ୍କଳକୁ ଆସି ପ୍ରାଚୀନ ଶକ୍ତିପୀଠ ଯାଜପୁରଠାରେ ପହଞ୍ଚିଥିଲେ । ଏହା ବ୍ୟତୀତ ଓଡ଼ିଶାର ଆଦିବାସୀମାନେ କାଠସ୍ତମ୍ଭ ସ୍ଥାପନ କରି ସ୍ତମ୍ଭେଶ୍ୱରୀ, ଖମ୍ବେଶ୍ୱରୀ ରୂପେ ଶକ୍ତି ଆରାଧନା କେଉଁ ସ୍ମରଣାତୀତ କାଳରୁ କରି ଆସୁଛନ୍ତି । ଖମ୍ବେଶ୍ୱରୀ ଏବେ ମଧ୍ୟ ଆସିକା ଓ ସୋନପୁରଠାରେ ପୂଜା ପାଇ ଆସୁଛନ୍ତି । ସ୍ତମ୍ଭେଶ୍ୱରୀ ପରବର୍ତ୍ତୀ ସମୟରେ 'ସୁଭଦ୍ରା'ରେ ରୂପାନ୍ତରିତ ହୋଇଛନ୍ତି ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି । ଓଡ଼ିଶାରେ ଭୌମ ଶାସକମାନଙ୍କ ସମୟରେ ଶକ୍ତି ପୂଜା ଓ ତନ୍ତ୍ରର ପ୍ରାଧାନ୍ୟ ବିସ୍ତାର କରିଥିଲା । ଏହା ଅବଶ୍ୟ ପଞ୍ଚମ ଓ ଷଷ୍ଠ ଶତାବ୍ଦୀ କଥା । ଭୌମ ବଂଶ ପରେ ସୋମ ଓ ଗଙ୍ଗବଂଶୀ ରାଜାମାନେ ମଧ୍ୟ ଶକ୍ତି ଆରାଧନା ପ୍ରତି ଗୁରୁତ୍ୱ ପ୍ରଦାନ କରିଥିଲେ । ଅଷ୍ଟମ ଶତାବ୍ଦୀରେ ଉତ୍କଳ ଭାରତୀ ଶାରଳାଙ୍କର ସ୍ଥାପନ କରାଯାଉଥିଲା । ଦେବୀ ଉପାସକ କପିଳେନ୍ଦ୍ର ଦେବୀ ଦୁର୍ଗା ଉପାସନା କରି ନିଜକୁ ଦୁର୍ଗାପୁତ୍ର ବୋଲି ପରିଚିତ କରାଇଥିଲେ । (୧୪୩୫-୧୪୬୫ଖ୍ରୀ) ତାଙ୍କ ପୁତ୍ର ଗଜପତି, ପୁରୁଷୋତ୍ତମଦେବ (ଖ୍ରୀ.ଅ. ୧୪୬୬-୧୪୯୬) ମଧ୍ୟ ଜଣେ ଦୁର୍ଗା ଉପାସକ ଥିଲେ । ପଞ୍ଚଦଶ ଶତାବ୍ଦୀର କବି ସାରଳା ଦାସ ଦେବୀ ସାରଳାଙ୍କର କୃପା ଲାଭ କରି ମହାଭାରତ ରଚନା କରିଥିଲେ ଓ ଦୁର୍ଗାପୂଜାର ପ୍ରଥମ ସୂଚନା ଦେଇଥିଲେ । ତାଙ୍କ ଦ୍ୱାରା ରଚିତ 'ଚଣ୍ଡୀପୁରାଣ' ସେହି ସମୟରେ ରଚିତ ହୋଇ ଓଡ଼ିଶାରେ ଶାକ୍ତ ପରମ୍ପରାର ପ୍ରଚାର ପ୍ରସାର ଘଟାଇଥିଲେ ।




ଝଙ୍କଡ଼ରେ ଶାରଳା, କାକଟପୁରରେ ମଙ୍ଗଳା, କୋଣାର୍କରେ ରାମଚଣ୍ଡୀ, ପୁରୀରେ ବିମଳା, ବାଙ୍କୀରେ ଚର୍ଚ୍ଚିକା, ଯାଜପୁରରେ ବିରଜା, ପଶ୍ଚିମ (ତାଳଚେର)ରେ ହିଙ୍ଗୁଳା ଓ ଭୁବନେଶ୍ୱରରେ ଗୌରୀ ହେଉଛନ୍ତି ତନ୍ତ୍ରପୀଠର ଅଷ୍ଟଶକ୍ତି । ଏହା ବ୍ୟତୀତ ଓଡ଼ିଶାର ବିଶିଷ୍ଟ ଶକ୍ତିପୀଠ ରୂପେ ଗଂଜାମ (ପୁରୁଷୋତ୍ତମପୁର)ର ତାରାତାରିଣୀ, କଟକର ଚଣ୍ଡୀ, କେନ୍ଦୁଝରର ଘଟଗାଁର ତାରିଣୀ, ଖୋର୍ଦ୍ଧାର ବରୁଣେଇ, ଭଦ୍ରକର ଭଦ୍ରକାଳୀ, ବଡ଼ମ୍ବାର ଭଟ୍ଟାରିକା, ଖଲ୍ଲିକୋଟର ନାରାୟଣୀ, ଚିଲିକାର କାଳିଜାଈ, ନୟାଗଡ଼ର ଦକ୍ଷିଣକାଳୀ ପ୍ରଭୃତି ଅନ୍ୟତମ । ଓଡ଼ିଶାର ଗାଁ ଗହଳିରେ ବିଭିନ୍ନ ଶକ୍ତିପୀଠ ଦେଖିବାକୁ ମିଳେ । ଅଧିକାଂଶ ରାଜା, ଜମିଦାର ସେମାନେ ଶକ୍ତି ଉପାସକ ଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଶକ୍ତିକୁ ବିଭିନ୍ନ ନାମରେ ଆରାଧନା କରିଯାଇଛନ୍ତି । ପଶ୍ଚିମ ଓଡ଼ିଶାର ଗ୍ରାମେ ଗ୍ରାମେ ଶକ୍ତି ଆରାଧନା କରାଯାଏ । ସମଲେଇ ବା ସମଲେଶ୍ୱରୀ ମୁଖ୍ୟ ଦେବୀ । ଏହାବ୍ୟତୀତ କଇଁଲେଇ ବା କୋକିଳେଶ୍ୱରୀ, ମାଣିକେଶ୍ୱରୀ, ସୁରେଶ୍ୱରୀ, ମାହେଶ୍ୱରୀ, ରାମଚଣ୍ଡୀ, ପିତାବଲ୍ଲୀ, ମାଉଳୀ, ଘଁସିଏନ୍, ହରସେନୀ, ଗମକେଇ, ଗଙ୍ଗଦେଇ ପ୍ରଭୃତି ଦେବୀ ଅଛନ୍ତି ।

ଓଡ଼ିଶାରେ ଶକ୍ତି ସାଧନାର ପ୍ରକୃଷ୍ଟ କ୍ଷେତ୍ର ଥିଲା, ଦକ୍ଷିଣ କୋଶଳ ବା ପାଟଣାଗଡ଼ । ଏହାକୁ କୁମାରୀ ପାଟଣା ବୋଲି କୁହାଯାଏ । ନିମ୍ନବର୍ଣ୍ଣର ସାତଜଣ ଶକ୍ତି କୁମାରୀ ସାଧିକା ହେଲେ ଜ୍ଞାନଦେଈ ମାଲୁଣୀ, ନିତେଇଧୋବଣୀ, ଲୁହକୁଟି ଲହୁରାଣୀ, ସୁକୁଟି ଚମାରୁଣୀ, ପଟର ସଉରୁଣୀ, ଗାଙ୍ଗୀ ଗଉଡୁଣୀ ଏବଂ ଶୁଆ ତେଲୁଣୀ ।

ଦୁର୍ଗାପୂଜାର ପରମ୍ପରା ଓଡ଼ିଶାରୁ ହିଁ ଆରମ୍ଭ ହୋଇଛି । ଓଡ଼ିଆମାନଙ୍କର ମୌଳିକ ଦେବୀପୂଜା ଓ ଆବାହନ କଳସ ମଧ୍ୟରେ । ଦୁର୍ଗାପୂଜା ଅବସରରେ ଖଣ୍ଡାୟତର ଖଣ୍ଡା, ନାପିତର କ୍ଷୁର, ନହୁରୁଣୀ, କରଣର ଲେଖନୀ, କମାର ବଢ଼େଇଙ୍କର କୌଳିକ ବୃତ୍ତି ଅନୁସାରେ ନିଜ ନିଜର ଉପକରଣଗୁଡ଼ିକ କଳସ ନିକଟରେ ସ୍ଥାପନ କରିଥାନ୍ତି । ବୃତ୍ତିଗତ ବ୍ୟବସାୟର ଉତ୍ତରୋତ୍ତର ଅଭିବୃଦ୍ଧି ପାଇଁ ଦେବୀଙ୍କ ନିକଟରେ କାମନା କରିଥାନ୍ତି । ଓଡ଼ିଆ ଶକ୍ତି ପୂଜାରେ ଆବାହନ ଅଛି ମାତ୍ର ବିସର୍ଜନ ନାହିଁ । ଓଡ଼ିଶାର ଦୁର୍ଗାମୂର୍ତ୍ତି ଦାରୁ, ପଥର ଓ ଧାତୁ ନିର୍ମିତ ମାତ୍ର ମୃଣ୍ମୟୀ ନୁହନ୍ତି । ବରଗଛ ତଳେ ଚୁଆ ସିନ୍ଦୁର ଚର୍ଚ୍ଚିତା ଦେବୀ ଆରାଧନା ଚିରନ୍ତନ ଓ ତାହା ମୌଳିକ ସଂସ୍କୃତିର ପରମ୍ପରା । ଓଡ଼ିଶାରେ ଦୁର୍ଗାମୂର୍ତ୍ତି ବେନିଭୂଜା । ଚତୁର୍ଭୁଜା ଓ ଦଶଭୂଜା ଥିବାସ୍ଥଳେ ଦ୍ୱାଦଶ ଭୁଜା ମଧ୍ୟ ଅଛନ୍ତି । ■

ସଂପାଦକ, ପୁରାଣ ପତ୍ରିକା, ନିଆଳୀ, କଟକ
ମୋ: ୯୯୩୭୮୪୦୩୮୭

ଡକ୍ଟର ଅଭିମନ୍ୟୁ ବରାଳ

ବୈଦିକ ଯୁଗରୁ ଭାରତବର୍ଷରେ ଶାକ୍ତ ଧର୍ମଧାରା ପ୍ରବାହିତ ହୋଇଆସୁଛି । ପୁରାଣାନୁସାରେ ଦକ୍ଷ ଯଜ୍ଞ ପରେ ସତୀଙ୍କ ଦେହାବଶେଷର ବିଭିନ୍ନ ଅଂଶ ପଡ଼ିଥିବା ସ୍ଥାନ ଶକ୍ତି ଉପାସନା ବା ଶାକ୍ତ ତନ୍ତ୍ରପୀଠର ମର୍ଯ୍ୟାଦା ଲାଭ କଲା । ଏହି ପୀଠଗୁଡ଼ିକରେ ଶକ୍ତିଙ୍କ ଅଙ୍ଗାବୟବ ରକ୍ଷାକାରୀ ରୂପେ ଭୈରବ ଓ ଶକ୍ତିଙ୍କ ସ୍ୱରୂପରେ ଭୈରବୀ ଅଧିଷ୍ଠିତ ହେଲେ । ପ୍ରତ୍ୟେକ ପୀଠରେ ଶିବ ଭୈରବ ରୂପରେ ପୂଜା ପାଇଲେ ହେଁ ଶ୍ରୀନୀଳାଚଳ ଧାମରେ ଏହାର ବ୍ୟତିକ୍ରମ ଦେଖାଯାଏ । ଏଠାରେ ଶ୍ରୀଜଗନ୍ନାଥ ଭୈରବ ଓ ମା' ବିମଳା ଭୈରବୀ ରୂପରେ ପୂଜା ପାଉଛନ୍ତି । 'କାଳିକା ପୁରାଣ'ରେ ଉଲ୍ଲିଖିତ ଚାରିଗୋଟି ତନ୍ତ୍ରପୀଠ ମଧ୍ୟରୁ ଉଡ୍ରାଖ୍ୟ (ଓଡ଼ିଶା)କୁ ପ୍ରଥମ ପୀଠ ଓ ଶ୍ରୀଜଗନ୍ନାଥଙ୍କୁ ଏହାର ଅଧିପତି ଭାବରେ ବର୍ଣ୍ଣନା କରାଯାଇଛି ।

ମା' ବିମଳା

ମା' କାକୁଡ଼ି ଖାଇ

ତାନ୍ତ୍ରିକମାନଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହେଉଛନ୍ତି ମହାକାଳୀ । ତାଙ୍କ ମୂର୍ତ୍ତିରେ ତନ୍ତ୍ର ସୌନ୍ଦର୍ଯ୍ୟ ଯଥେଷ୍ଟ ଉଦ୍ଭାସିତ । ଜଗନ୍ନାଥଙ୍କ ନାଶାର ବସଣୀ ତାଙ୍କୁ ନାରୀ ଭାବରେ ପ୍ରତିପାଦିତ କରିଥାଏ । ତନ୍ତ୍ର ସିଦ୍ଧାନ୍ତ ଅନୁସାରେ ସେ ହେଉଛନ୍ତି ଅଦ୍ୟନ୍ତରହିତ ନିର୍ବିକାର ତଥା ସଚ୍ଚିଦାନନ୍ଦ ସ୍ୱରୂପା ସାକ୍ଷାତ ମା' ଦକ୍ଷିଣକାଳିକା । ବୈଷ୍ଣବ ତନ୍ତ୍ରାନୁସାରେ ପରଂବ୍ରହ୍ମଙ୍କର ଦଶାବତାର ବର୍ଣ୍ଣିତ । ଠିକ୍ ସେହିଭଳି ଶାକ୍ତ ତନ୍ତ୍ରରେ ମାତୃବ୍ରହ୍ମଙ୍କର ମଧ୍ୟ ଦଶାବତାର ବର୍ଣ୍ଣିତ । ଯଥା- କାଳୀ, ତାରା, ତ୍ରିପୁରା ସୁନ୍ଦରୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୁମାବତୀ, ମାତଙ୍ଗୀ, କମଳା, ବଗଳାମୁଖୀ - ଏହାହିଁ ଶାକ୍ତ ଦଶାବତାର । ଏହି ଦଶମାତୃକା ଅବତାରକୁ ଦଶ ମହାବିଦ୍ୟା କୁହାଯାଏ ।

ତନ୍ତ୍ର ମତରେ ଦଶ ମହାବିଦ୍ୟା ହେଉଛନ୍ତି, ସୃଷ୍ଟି-ସ୍ଥିତି-ଲୟ କାରିଣୀ ମହାଶକ୍ତିଙ୍କର ଦଶବିଧ ପ୍ରକୃତି ଶକ୍ତି ଏବଂ ଶ୍ରୀଜଗନ୍ନାଥଙ୍କଠାରୁ ଏହି ଦଶବିଧ ପ୍ରକୃତି ଶକ୍ତିର ସୃଷ୍ଟି । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସତୀଙ୍କ ପାଦପତନ କ୍ଷେତ୍ରରେ ଶ୍ରୀଚକ୍ରାରୂଢ଼ା ବିମଳା ବିଦ୍ୟମାନ । ଦେବୀ ସୃଷ୍ଟି-ସ୍ଥିତି ଓ ପ୍ରଳୟର ପ୍ରତୀକ ଶ୍ରୀଚକ୍ର ବା ଭୈରବୀ ଚକ୍ର ଉପରେ ବିରାଜିତା । ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀଚକ୍ର ପୀଠାଧିଶ୍ୱର ଓ ମା'ବିମଳା ଶ୍ରୀଚକ୍ର ପୀଠାଧିଶ୍ୱରୀ । ଭୈରବୀ ଚକ୍ରରେ ବିମଳା ଭୈରବୀ ଓ ଜଗନ୍ନାଥ ଭୈରବ ଅଟନ୍ତି ।

ମହାଶକ୍ତି ମହାଭୈରବୀ ବିମଳାଙ୍କ ସହିତ ମହାଶକ୍ତିମାନେ ମହାଭୈରବ ଜଗନ୍ନାଥଙ୍କର ତାନ୍ତ୍ରିକ ଉପାସନା ଧାରା ପ୍ରବର୍ତ୍ତନ ହୋଇ ପୁରୀ ବିଶ୍ୱପ୍ରସିଦ୍ଧ ତନ୍ତ୍ରପୀଠର ମାନ୍ୟତା ଲାଭ କଲା । ଏହି ହେତୁ ଶ୍ରୀକ୍ଷେତ୍ରରେ ଦେବୀ ଉପାସନାର ବିମଳ ଫଲ୍‌ଗୁ ଧାରା ସେହିକାଳୁ ପ୍ରଚଳିତ ହୋଇଛି । ତେଣୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଦେବୀ ଭାବରେ ସ୍ତୁତି କରାଯାଇଥାଏ ।

ଶ୍ରୀମନ୍ଦିରର ରତ୍ନସିଂହାସନରେ ଭୈରବୀ ଚକ୍ର ଅଙ୍କିତ ହୋଇଥିବାରୁ ପ୍ରମାଣିତ ହୁଏ ଯେ, ଶ୍ରୀଜଗନ୍ନାଥ ହିଁ ସଫଳ ତନ୍ତ୍ରଶକ୍ତିର ଉଦ୍ଭବ ସ୍ଥଳ । ତାଙ୍କ ମୁଖମଣ୍ଡଳର ଆଭାରୁ ପ୍ରତୀୟମାନ ଯେ, ସ୍ତମ୍ଭନ, ମୋହନ, ବଶ୍ୟ, ଉଚ୍ଚାଟନାଦି ଲକ୍ଷଣ ନିରନ୍ତର ବିଚ୍ଛୁରିତ ହୋଇ ଅଖିଳ ବ୍ରହ୍ମାଣ୍ଡରେ ତନ୍ତ୍ରଶକ୍ତି ପ୍ରସାରିତ ହେଉଛି । ମନ୍ତ୍ର ସହ ଯନ୍ତ୍ରର ସଂଯୋଗରେ ତାନ୍ତ୍ରିକ କ୍ରିୟା ତାଙ୍କ ପାଖରେ ସଦାସର୍ବଦା ସକ୍ରିୟ । ତନ୍ତ୍ରଶାସ୍ତ୍ରରେ ଶ୍ରୀକ୍ଷେତ୍ରକୁ ଭୂସ୍ୱର୍ଗ କୁହାଯାଇଛି । ଏହି ପୀଠର ଚତୁର୍ଦ୍ଦିଗରେ ଅସଂଖ୍ୟ ଦେବୀ ମୂର୍ତ୍ତି ପ୍ରତିଷ୍ଠିତ ଓ ପୂଜିତ । ଏହି ପୀଠର ପ୍ରବେଶ ପଥରେ ମା' ବାଟମଙ୍ଗଳା ବିରାଜିତ, ଏହାହିଁ ତନ୍ତ୍ର ମର୍ଯ୍ୟାଦାର ଯଥାର୍ଥ ଉଦାହରଣ । ଶ୍ରୀମନ୍ଦିର ବାହାରେ ଅର୍ଦ୍ଧାସିନୀ ବା ମାଉସୀ ମା' ସପ୍ତମାତୃକା, ଶ୍ୟାମାକାଳୀ, ଚର୍ଚ୍ଚିକା, ବରାହୀ, ବିଶ୍ୱେଶ୍ୱରୀ, ମଙ୍ଗଳେଶ୍ୱରୀ, ଚାମୁଣ୍ଡେଶ୍ୱରୀ, ବନଦୁର୍ଗା, ବାସେଳୀ, ରାମଚଣ୍ଡୀ, କାତ୍ୟାୟିନୀ ଓ କାକୁଡିଖାଇ ପ୍ରଭୃତି ଅଗଣିତ ତନ୍ତ୍ରାରାଧ୍ୟା ଦେବୀ ବିରାଜିତା । ଶ୍ରୀମନ୍ଦିର ବେଢ଼ା ଭିତରେ ଶୀତଳା, ବେଢ଼ାକାଳୀ, କୁତାମଚଣ୍ଡୀ, ସରସ୍ୱତୀ, ଭଦ୍ରକାଳୀ, ସର୍ବମଙ୍ଗଳା, ଉତ୍ତରାୟଣୀ ଓ ଶ୍ମଶାନକାଳୀ ପ୍ରଭୃତି ଦେବୀଗଣ ବିରାଜିତା ରହି ଶ୍ରୀପୀଠକୁ ସର୍ବଦା ସୁରକ୍ଷା ପ୍ରଦାନ କରୁଅଛନ୍ତି ।

ସ୍କନ୍ଦ ପୁରାଣରେ, ଏହି ପୀଠର ଅନ୍ତର୍ବେଦୀକୁ ରକ୍ଷା କରିବା ପାଇଁ ଆଠଟି ଶକ୍ତି ବା ଅଷ୍ଟଚଣ୍ଡୀ ନିଯୁକ୍ତ ହୋଇଛନ୍ତି । ସେମାନେ ହେଲେ କଳ୍ପବଟ ମୂଳରେ ମଙ୍ଗଳା, ପଶ୍ଚିମରେ ବିମଳା, ଶଙ୍ଖର ପୃଷ୍ଠ ଭାଗରେ ସର୍ବମଙ୍ଗଳା, ଉତ୍ତର ଭାଗରେ ଅର୍ଦ୍ଧାଶିନୀ, ଐଶାନ୍ୟ କୋଣରେ ଲମ୍ବା, ଦକ୍ଷିଣରେ କାଳରାତ୍ରି, ପୂର୍ବରେ ମରୀଚିକା ଓ ନୈରତ କୋଣରେ ଚଣ୍ଡରୂପା ବ୍ୟବସ୍ଥିତ ହୋଇଛନ୍ତି । ମା'ଗୌରୀ ବିଷ୍ଣୁଙ୍କ ଅଙ୍ଗରୁ ଜାତ ହୋଇ ଅଷ୍ଟଧାରୂପ ଧାରଣ ପୂର୍ବକ ଅନ୍ତର୍ବେଦୀର ରକ୍ଷା ନିମନ୍ତେ ନିଯୁକ୍ତ ହୋଇଛନ୍ତି । ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଉପରୋକ୍ତ ଦେବୀମାନଙ୍କର ଯଥାବିଧି ଉପାସନା କରାଯାଇଥାଏ ।

ମହାଭୈରବ ଜଗନ୍ନାଥ ଓ ମହା ଭୈରବୀ ବିମଳାଙ୍କ ଉପାସନା ତାନ୍ତ୍ରିକ ବିଧିରେ ସମ୍ପନ୍ନ ହୋଇଥାଏ । ତନ୍ତ୍ରଶାସ୍ତ୍ରୋକ୍ତ ପଞ୍ଚ'ମ'କାର ପୂଜା ପଦ୍ଧତି ହିଁ ତାଙ୍କ ଉପାସନାର ପ୍ରଧାନ ରହସ୍ୟ । ବିମଳାଙ୍କ ଷୋଡ଼ଷ ଦିନାତ୍ମକ ଶାରଦୀୟ ପୂଜାରେ ପ୍ରଥମ ଆଠଦିନ ତନ୍ତ୍ର ବିହିତ ଦକ୍ଷିଣାଚାର ପୂଜା ଏବଂ ଶେଷ ଆଠଦିନ ବାମାଚାର ପୂଜା ଅନୁଷ୍ଠିତ ହୋଇଥାଏ । ଶାରଦୀୟ ପୂଜାର ପ୍ରଥମ ଦିନ ଅର୍ଥାତ୍ ମୂଳାଷ୍ଟମୀ ଦିନ ମାତା ବିମଳା ସହସ୍ର କୁମ୍ଭାଭିଷେକ ହୁଅନ୍ତି । ଶାରଦୀୟ ଦୁର୍ଗୋତ୍ସବ ସମୟରେ ଜଗନ୍ନାଥଙ୍କ ନିକଟରେ ଏକ ସ୍ୱତନ୍ତ୍ର 'ବିମଳେଇ ଥାଳି' ଭୋଗ ହୋଇଥାଏ । ଏହି ଷୋଡ଼ଶ ଦିନ ତନ୍ତ୍ରପୂଜା ସମୟରେ କୌଣସି ନାରୀ ବିମଳାଙ୍କୁ ଦର୍ଶନ କରିବା ନିଷେଧ । ପଞ୍ଚ'ମ'କାର ପଦ୍ଧତିରେ ଏଠାରେ ପ୍ରତ୍ୟହ ପୂଜା କରାଯାଏ । ମଦ୍ୟ, ମାଂସ, ମତ୍ସ୍ୟ, ମୈଥୁନ ମୁଦ୍ରାର ବାସ୍ତବ ପ୍ରୟୋଗ କରାନଯାଇ ବୈଷ୍ଣବୀୟ ପଞ୍ଚ'ମ'କାର ପଦ୍ଧତିକୁ ପ୍ରତୀକାତ୍ମକ ଭାବରେ ପ୍ରୟୋଗ କରାଯାଏ । ଅର୍ଥାତ୍ କାଂସ୍ୟ ପାତ୍ରରେ ପିଇଡ଼ ପାଣିକୁ ମଦ୍ୟ, ବିରି ପିଠାକୁ ମାଂସ, ଅଦାକୁ ଘିଅରେ ଭାଜି ମତ୍ସ୍ୟ ଓ କରବୀର ଫୁଲକୁ ମୈଥୁନ ଓ ଯୋନୀ ମୁଦ୍ରା ପ୍ରଦର୍ଶନ କରାଯାଏ । ଏ ସମସ୍ତ ଦୃଷ୍ଟିରୁ ଶ୍ରୀକ୍ଷେତ୍ର ହେଉଛି ଶ୍ରୀବିଦ୍ୟାର ଶ୍ରେଷ୍ଠ ସାଧନ କ୍ଷେତ୍ର । ମହାଭୈରବୀ ବିମଳା ହେଉଛନ୍ତି ସୌନ୍ଦର୍ଯ୍ୟ ଓ ଆନନ୍ଦର ପରମ ଧାମ ମହାତ୍ରିପୁରା ସୁନ୍ଦରୀ । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ 'ବିମଳା ସପ୍ତର୍ଯ୍ୟା' ଗ୍ରନ୍ଥରେ ଏହା ସ୍ପଷ୍ଟ ପ୍ରମାଣିତ ।

ଶ୍ରୀକ୍ଷେତ୍ର ରାଜେଶ୍ୱରୀ ମା' ବିମଳା ହେଉଛନ୍ତି ଶ୍ରୀଜଗନ୍ନାଥ ତତ୍ତ୍ୱର ମୂଳାଧାର । ଶ୍ରୀଜଗନ୍ନାଥ ବାହ୍ୟତଃ ବୈଷ୍ଣବ ଭାବଧାରାର ଦେବତା ହେଲେହେଁ ସୂକ୍ଷ୍ମ ଭାବରେ ସେ ତନ୍ତ୍ରରାଧିତ ଦେବତା । ସେ ସ୍ୱୟଂ ମହାକାଳୀ । ଶ୍ରୀଜଗନ୍ନାଥଙ୍କ ଅବଢ଼ା ପ୍ରସାଦ ମାତା ବିମଳାଙ୍କୁ ସମର୍ପଣ କରାଯିବା ପରେ ତାହା ମହାପ୍ରସାଦ ହୋଇଥାଏ । ଅନ୍ୟଥା ଏହା ସାଧାରଣ ପ୍ରସାଦ ହିଁ ହୋଇଥାଏ । ଶ୍ରୀକ୍ଷେତ୍ରରେ ଦେବୀ ଉପାସନାର ପରମ୍ପରା ଅତି ପ୍ରାଚୀନ । ରହସ୍ୟମୟ ଦେବତା ଶ୍ରୀଜଗନ୍ନାଥ କାହାକୁ କେଉଁ ରୂପରେ ପ୍ରତୀତ ହୁଅନ୍ତି - ତାହା ମଧ୍ୟ ରହସ୍ୟାବୃତ୍ତ ।

ଶ୍ରୀକ୍ଷେତ୍ରରେ ଦେବୀ ଉପାସନାର ଅପ୍ରତିହତ ପ୍ରବହମାନ ଧାରା ଆବାହମାନ କାଳରୁ ପ୍ରଚଳିତ । ଖାଲି ଶ୍ରୀକ୍ଷେତ୍ର ବା ଶ୍ରୀମନ୍ଦିର ନୁହେଁ ସମଗ୍ର ଭାରତ ବର୍ଷରେ ଦେବୀ ଉପାସନାର ଏକ ମହାନ୍ ଧାରା ପ୍ରଚଳିତ । ଶ୍ରୀକ୍ଷେତ୍ର ଦେବୀ ଉପାସନାର ବିମଳ ମନ୍ଦାକିନୀ ଧାରା ଏବେ ମଧ୍ୟ ପ୍ରବାହିତ ହୋଇ ଜନଜୀବନକୁ ପ୍ଲାବିତ କରୁଛି । ■

ମା' କାକୁଡ଼ିଖାଇଙ୍କ ମନ୍ଦିର

ବର୍ଷଣା ବିହାର, ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ମାତୃ ଆରାଧନା

# ପରମ୍ପରାରେ ଆଧୁନିକତାର ଆଲୋକ

ଶରତର ନୀଳ ଆକାଶରେ ଯେତେବେଳେ ଧଳା ବାଦଲର ଭେଳା ଭାସିଯାଏ, କାଶତଣ୍ଡୀର ଫୁଲ ପବନରେ ମୁଣ୍ଡ ହଲାଏ ଏବଂ ସକାଳର ଶିଶିର ଘାସ ଉପରେ ମୁକ୍ତା ପରି ଝଲମଲ କରେ, ସେତେବେଳେ ପ୍ରକୃତି ନିଜେ ଯେପରି କହିଉଠେ- 'ମା' ଆସୁଛନ୍ତି। ଦଶହରା କେବଳ ଏକ ପର୍ବ ନୁହେଁ। ଏହା ଓଡ଼ିଆ ଜୀବନର ଏକ ଦୀର୍ଘ ସାଂସ୍କୃତିକ ସ୍ମୃତି। ଏହାରି ମଧ୍ୟରେ ରହିଛି ଶକ୍ତି ଉପାସନାର ପ୍ରାଚୀନ ପରମ୍ପରା, ଲୋକବିଶ୍ୱାସର ଗଭୀରତା, ମାଟିରେ ଶିଳ୍ପୀଙ୍କ ହାତର ସ୍ପର୍ଶ, ଢୋଲ ମୃଦଙ୍ଗର ତାଳ, ଧୂପ-ଦୀପର ସୁଗନ୍ଧ ଏବଂ ଏକ ସମାଜକୁ ଏକାଠି କରିବାର ଅଦୃଶ୍ୟ ଶକ୍ତି। ପୂଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗାଁଠୁ ସହର ପର୍ଯ୍ୟନ୍ତ ପରିବେଶରେ ଉତ୍ସବମୁଖରିତ ହୋଇଉଠେ।

ତପନ ରଥ

## ଶକ୍ତି ଉପାସନାର ପୁରୁଣା ପାଦଚିହ୍ନ

ଭାରତୀୟ ଧାର୍ମିକ ଚେତନାରେ ଦେବୀ ଉପାସନାର ଇତିହାସ ଅତ୍ୟନ୍ତ ପ୍ରାଚୀନ। ଶକ୍ତିକୁ ନାରୀତ୍ୱ, ସୃଷ୍ଟି, ସୁରକ୍ଷା ଓ ସଂହାରର ମୂଳ ଶକ୍ତି ଭାବେ ଦେଖିବାର ପରମ୍ପରା ଯୁଗଯୁଗ ଧରି ଭାରତୀୟ ସଂସ୍କୃତିକୁ ପ୍ରଭାବିତ କରିଆସିଛି। ଓଡ଼ିଶାରେ ମଧ୍ୟ ଶକ୍ତି ଆରାଧନାର ନିଜସ୍ୱ ଏକ ଦୀର୍ଘ ଐତିହ୍ୟ ରହିଛି। ଏଠାରେ ଦେବୀ କେବଳ ପୁରାଣ ପୃଷ୍ଠାରେ ବନ୍ଦୀ ନୁହନ୍ତି; ସେ ଲୋକଜୀବନର ଅଂଶ। ଗାଁର ଗ୍ରାମଦେବୀଠାରୁ ସହରର ଭବ୍ୟ ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ତାଙ୍କ ଉପସ୍ଥିତି ଓଡ଼ିଆ ସମାଜର ଧାର୍ମିକ ଓ ସାଂସ୍କୃତିକ ଚେତନାକୁ ପ୍ରତିଫଳିତ କରେ। ପୁରାତନ ମନ୍ଦିର, ଶକ୍ତିପୀଠ, ଲୋକପରମ୍ପରା ଓ ପର୍ବପର୍ବାଣିରେ ଦେବୀ ଆରାଧନାର ଯେଉଁ ବିଭିନ୍ନ ରୂପ ଦେଖିବାକୁ ମିଳେ, ତାହା ଓଡ଼ିଶାର ସଂସ୍କୃତିର ଏକ ବଳିଷ୍ଠ ଓ ଜୀବନ୍ତ ପ୍ରମାଣ।

## ନବମାତୃକା ଉପାସନା

ଦଶହରା ପୂଜାର ଆଧ୍ୟାତ୍ମିକ ପରିସରରେ ନବମାତୃକା ଉପାସନାର ମଧ୍ୟ ଏକ ବିଶେଷ ସ୍ଥାନ ରହିଛି। ମାତୃଶକ୍ତିର ବିଭିନ୍ନ ରୂପକୁ ଏକାଧାରରେ ସ୍ମରଣ କରିବାର ଏହି ପରମ୍ପରା ମଣିଷକୁ ଏକ ଗଭୀର ଆଧ୍ୟାତ୍ମିକ ଅର୍ଥ ସହ ଯୋଡ଼ିଥାଏ। ନଅଟି ରୂପରେ ଦେବୀଙ୍କ ଆରାଧନା ମାଧ୍ୟମରେ ଶକ୍ତିର ବିଭିନ୍ନ ପ୍ରକାଶକୁ ଅନୁଭବ କରାଯାଏ। କେଉଁଠି ସେ ମାତୃମୟୀ, କେଉଁଠି ରକ୍ଷାକାରିଣୀ, କେଉଁଠି ଅସୁରନାଶିନୀ, ଆଉ କେଉଁଠି ଜ୍ଞାନ ଓ ଚେତନାର ପ୍ରତୀକ। ଏହି ଉପାସନାର ଅନ୍ତର୍ନିହିତ ବାର୍ତ୍ତା ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ-ଅନ୍ଧକାର ଯେତେ ଗଭୀର ହେଉ, ମଣିଷର ଭିତରେ ଆଲୋକ ଜାଳିବାର ଶକ୍ତି ରହିଛି।

## ମାଟିରୁ ମା'- ଶିଳ୍ପୀ କଳ୍ପନାର ଜୀବନ୍ତ ପ୍ରତିମା

ଦଶହରା ଆସିଲେ ମାଟି କାରିଗରଙ୍କ ଜୀବନରେ ମଧ୍ୟ ଏକ ଅଲଗା ଚଞ୍ଚଳତା ଆସେ। ନଦୀକୂଳର ମାଟି, ନଡ଼ା, ବାଉଁଶ ଓ ଖଡ଼ିର ସାହାଯ୍ୟରେ ଯେଉଁ ମୂର୍ତ୍ତିର ଆକାର ନେବା ଆରମ୍ଭ ହୁଏ, ତାହା ଶେଷରେ ରଙ୍ଗ, ଅଳଙ୍କାର ଓ ଶିଳ୍ପୀର କଳ୍ପନାରେ ଜୀବନ୍ତ ହୋଇଉଠେ। ଏଠାରେ ଧର୍ମ ସହିତ ମିଶିଯାଏ ଶିଳ୍ପ। ପୂଜା ମଣ୍ଡପ ଏକ ଆସ୍ଥାର ସ୍ଥାନ ହେବା ସହିତ ଏକ ସାମୟିକ କଳା ଗ୍ୟାଲେରୀର ରୂପ ନିଏ। ଶିଳ୍ପୀଙ୍କ ହାତରେ ମାଟି କେବଳ ମୂର୍ତ୍ତି ହୁଏ ନାହିଁ; ତାହା ଏକ ସମାଜର ସ୍ୱପ୍ନ, ସୃଜନଶୀଳତା ଓ ସାମୂହିକ ରୁଚିର ଆଇନା ପାଲଟିଯାଏ।

## ଗାଁରୁ ସହରର ଥିମ୍ ପୂଜା

ସମୟ ବଦଳିଛି। ଦଶହରା ମଧ୍ୟ ବଦଳିଛି। ଦିନେ ଯେଉଁଠି ପାରମ୍ପରିକ ମଣ୍ଡପ, ମାଟିର ମୂର୍ତ୍ତି ଓ ସରଳ ସାଜସଜ୍ଜା ହିଁ ଥିଲା ପୂଜାର ପରିଚୟ, ଆଜି ସେଠାରେ ଆଲୋକସଜ୍ଜା, ଥିମ୍ ପରିବେଶଠାରୁ ସୁଦୃଶ୍ୟ ମଣ୍ଡପ, ଡିଜିଟାଲ୍ ପ୍ରଚାର ଓ ନୂଆ ପିଢ଼ିର ସୃଜନଶୀଳତା ଯୋଡ଼ି ହୋଇଛି। ମୋବାଇଲ୍ ଫୋନର କ୍ୟାମେରାରେ ମା'ଙ୍କ ମୁହଁ ବନ୍ଦୀ ହେଉଛି, ସୋସିଆଲ୍ ମିଡିଆରେ ପୂଜାର ଛବି ଓ ଭିଡିଓ ମୁହୂର୍ତ୍ତକ ମଧ୍ୟରେ ଦୂରଦୂରାନ୍ତରେ ପହଞ୍ଚିଯାଉଛି। ଯେଉଁ ପର୍ବ କେବେ ଗୋଟିଏ ପଡ଼ା କିମ୍ବା ଗାଁର ସୀମା ମଧ୍ୟରେ ରହୁଥିଲା, ଆଜି ସେହି ପର୍ବ ଡିଜିଟାଲ୍ ମାଧ୍ୟମରେ ବିଶ୍ୱର ବିଭିନ୍ନ କୋଣରେ ଥିବା ଓଡ଼ିଆଙ୍କ ଘରେ ପହଞ୍ଚୁଛି। ତଥାପି ଏହି ପରିବର୍ତ୍ତନ ମଧ୍ୟରେ ଏକ ଅଦୃଶ୍ୟ ବନ୍ଧନ ଅବିଚ୍ଛିନ୍ନ ରହିଛି-ମା'ଙ୍କ ପ୍ରତି ଭକ୍ତି ଓ ସମାଜକୁ ଏକାଠି କରିବାର ଆକାଂକ୍ଷା।

## ଉତ୍ସବରେ ସମ୍ପର୍କର ଉଷ୍ମତା

ଦଶହରାର ଆଉ ଏକ ବଡ଼ ଆକର୍ଷଣ ହେଉଛି ଏହାର ସାମାଜିକ ସଂପର୍କ। ପୂଜା ମଣ୍ଡପ କେବଳ ଦେବୀଙ୍କ ଆସନ ନୁହେଁ; ଏହା ଲୋକଙ୍କ ମିଳନସ୍ଥଳୀ। ବର୍ଷସାରା ବ୍ୟସ୍ତ ଥିବା ମଣିଷମାନେ ଏହି ସମୟରେ ପୁଣି ପରସ୍ପରକୁ ଭେଟନ୍ତି। ଦୂର ସହରରେ ଚାକିରି କରୁଥିବା ପୁଅ ଘରକୁ ଫେରେ, ବାହାରେ ରହୁଥିବା ଝିଅ ପରିବାର ସହ ଯୋଡ଼ି ହୁଏ। ପୁରୁଣା ବନ୍ଧୁତ୍ୱରେ ପୁଣି ଉଷ୍ମତା ଫେରେ। ପଡ଼ୋଶୀଙ୍କ ମଧ୍ୟରେ ନୂଆ ପରିଚୟ ହୁଏ। ଏହି ଅର୍ଥରେ ଦଶହରା ହେଉଛି ସମ୍ପର୍କର ମଧ୍ୟ ଏକ ପର୍ବ। ଦେବୀଙ୍କ ଆରାଧନା ସହ ମଣିଷ ମଣିଷକୁ ଖୋଜି ପାଇବାର ଏକ ଅପୂର୍ବ ମୁହୂର୍ତ୍ତ।

## ଆଧୁନିକତାରେ ପରମ୍ପରାର ନୂଆ ଅର୍ଥ



ଆଧୁନିକ ସମୟ ଆମ ଜୀବନର ଗତି ବଢ଼ାଇ ଦେଇଛି। ସହର ବଢ଼ିଛି, ଜୀବନଶୈଳୀ ବଦଳିଛି, ପରିବାରର ଗଠନ ବଦଳିଛି। କିନ୍ତୁ ପର୍ବପର୍ବାଣି ମଣିଷକୁ ତାହାର ମୂଳ ସହ ଯୋଡ଼ି ରଖିବାର ଏକ ଅଦ୍ଭୁତ କ୍ଷମତା ଆଜିବି ବଜାଇ ରଖିଛି। ଆଜିର ଦଶହରା ସେଥିପାଇଁ କେବଳ ଅତୀତକୁ ସ୍ମରଣ କରିବାର ପର୍ବ ନୁହେଁ; ଏହା ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସେତୁ। ପରମ୍ପରାର ମାଟିରେ ଆଧୁନିକତାର ରଙ୍ଗ ଲାଗୁଛି, କିନ୍ତୁ ମୂଳ ଚିତ୍ରଟି ହଜି ଯାଉନାହିଁ। ବରଂ ନୂଆ ପିଢ଼ି ନିଜ ଭାଷାରେ, ନିଜ ଶୈଳୀରେ ପୁରୁଣା ପରମ୍ପରାକୁ ନୂଆ ଭାବେ ଅନୁଭବ କରୁଛି। ଏହି ପରିବର୍ତ୍ତନ ହିଁ ଜୀବନ୍ତ ସଂସ୍କୃତିର ଲକ୍ଷଣ। ଯେଉଁ ପରମ୍ପରା ସମୟ ସହିତ କଥା କହିପାରେ, ସେହି ପରମ୍ପରା ହିଁ ପିଢ଼ି ପରେ ପିଢ଼ି ବଞ୍ଚିରହେ।

କେଉଁଠି ପୁରୁଣା ମନ୍ତ୍ରୋଚ୍ଚାରଣ, କେଉଁଠି ଆଧୁନିକ ଆଲୋକର ଝଲକ; କେଉଁଠି ମାଟିର ଗନ୍ଧ, କେଉଁଠି ସହରୀ

ଉତ୍ସବର ଚମକ। ଏହି ଦୁଇଟି ଦୃଶ୍ୟ ପରସ୍ପରର ବିରୋଧୀ ନୁହେଁ-ବରଂ ଗୋଟିଏ ସଂସ୍କୃତିର ଦୁଇଟି ମୁହଁ। ଦଶହରା ଆସେ, ପୁଣି ଚାଲିଯାଏ। ମଣ୍ଡପ ଭାଙ୍ଗିଯାଏ, ଆଲୋକ ଲିଭିଯାଏ, ଢୋଲ ମୃଦଙ୍ଗ ନିରବ ହୋଇଯାଏ। କିନ୍ତୁ ମଣିଷର ମନରେ ରହିଯାଏ ମା'ଙ୍କ ମୁହଁ, ଧୂପର ଗନ୍ଧ, ଶରତର ଆକାଶ ଓ ଏକାଠି ହୋଇଥିବା ଲୋକମାନଙ୍କ ଉଷ୍ମତା। ସେଥିପାଇଁ ଦଶହରାର ଆଗମନୀ କେବଳ ଦେବୀଙ୍କ ଆଗମନୀ ନୁହେଁ- ଏହା ନିଜ ମୂଳକୁ ପୁଣିଥରେ ଫେରିବାର ଆଗମନୀ।

ମାଟିରୁ ମୂର୍ତ୍ତି ଗଢ଼ିଉଠେ, ମୂର୍ତ୍ତିରେ ଦେବୀଙ୍କ ଭାବ ଜାଗ୍ରତ ହୁଏ, ଆଉ ଦେବୀଙ୍କ ଆରାଧନା ମାଧ୍ୟମରେ ମଣିଷ ନିଜ ଅନ୍ତରର ଆଲୋକକୁ ଖୋଜିପାଏ। ସମୟ ବଦଳେ, ପୂଜାର ରୂପ ବଦଳେ, ପରମ୍ପରାର ଆୟୋଜନ ମଧ୍ୟ ବଦଳିଯାଏ; କିନ୍ତୁ ମଣିଷର ହୃଦୟରେ ଶକ୍ତି, ଶ୍ରଦ୍ଧା, ମମତା ଓ ସମ୍ପର୍କର ଦୀପଟି ସଦା ଦୀପ୍ତିମାନ ହୋଇ ଜଳୁ ଥାଏ। କାରଣ, ଦଶହରା କେବଳ ମାଟିର ମୂର୍ତ୍ତିରେ ଦେବୀଙ୍କ ପ୍ରାଣପ୍ରତିଷ୍ଠାର ପର୍ବ ନୁହେଁ; ଏହା ଆମ ମନରେ ଥିବା ଅନ୍ଧକାରକୁ ଦୂର କରି ସତ୍ୟ, ଶକ୍ତି ଓ ମାନବିକତାର ଆଲୋକକୁ ଜାଗ୍ରତ କରିବାର ଏକ ପବିତ୍ର ଅବସର। ଯେଦିନ ଆମ ଅନ୍ତରରେ ସେହି ଆଲୋକ ପ୍ରଜ୍ୱଳିତ ହେବ, ସେଦିନ ହିଁ ସାର୍ଥକ ହେବ ଦଶହରାର ସତ୍ୟ ଆଲୋକର ପ୍ରାଣପ୍ରତିଷ୍ଠା।

ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର, ମୋ: ୭୯୭୮୫୪୫୮୮୦

# ଖମ୍ବେଶ୍ୱରୀ ଉପାସନା

ଅଶୋକ କୁମାର ପୂଜାହାରୀ

ଶରତ ଋତୁର ନିର୍ମଳ ପରିବେଶରେ କାଶତଣ୍ଡୀ ଯେତେବେଳେ ପବନରେ ଲହଡ଼ା ମାରୁଥାଏ; ଢୋଲ, ନିଶାନ, ତାସା ଓ ମହୁରୀ ଭରନି ସ୍ୱରରେ ମୁଖରିତ ହୋଇଉଠୁଥାଏ, ଚାରିଦିଗରେ ଧୂପ, ଝୁଣା ଓ ଦହନାର ସୁଗନ୍ଧ ଖେଳିବୁଲୁଥାଏ, ମାଆଙ୍କ ଆବାହନ ପାଇଁ ଝାଙ୍କରଠୁ ଦେହେରୀ ଓ ପଣ୍ଡିତ ଯାଏଁ ତତ୍ପର ହୋଇପଡ଼ିଥାନ୍ତି, ସେତେବେଳେ ମନେ ହେଉଥାଏ ଏ ମାଟିର ପ୍ରାଚୀନ ମାତୃଚେତନା ପୁଣି ଜାଗି ଉଠିଛି। ଆଜି ଆମେ ଅନେକ ସ୍ଥାନରେ ଦେବୀଙ୍କୁ ମନ୍ଦିର, ଗର୍ଭଗୃହ ଓ ସୁନ୍ଦର ବିଗ୍ରହ ସହ ଯୋଡ଼ି ଦେଉଛୁ। କିନ୍ତୁ ପଶ୍ଚିମ ଓଡ଼ିଶାର ପ୍ରାଚୀନ ଲୋକଧର୍ମରେ ଦେବୀଙ୍କ ଉପସ୍ଥିତି ଏହାଠାରୁ ବହୁତ ଅଧିକ ପ୍ରାକୃତିକ ଥିଲା। ପାହାଡ଼, ନଦୀ, ଗୁମ୍ଫା, ଶିଳାଖଣ୍ଡ, କାଷ୍ଠଖମ୍ବ ଏବଂ ଗାଁମୁଣ୍ଡର ଝଙ୍କାଳିଆ ଗଛ ତଳେ ଦୈବୀଶକ୍ତିର ଅବସ୍ଥାନ କଳ୍ପନା କରାଯାଉଥିଲା। ମଣିଷ ସେତେବେଳେ ପ୍ରକୃତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା, ମାଟି ଶସ୍ୟ, ଜଙ୍ଗଲ ଖାଦ୍ୟ, ଆଶ୍ରୟ ଏବଂ ନଦୀ ଜୀବନ ଦେଉଥିଲା। ଜୀବନଦାୟିନୀ ପ୍ରକୃତି କ୍ରମେ ମାତୃରୂପରେ ଅନୁଭୂତ ହେବା ଅତ୍ୟନ୍ତ ସ୍ୱାଭାବିକ। ଏହି ଲୋକବିଶ୍ୱାସ ପରବର୍ତ୍ତୀ ସମୟରେ ଶାକ୍ତ, ଶୈବ, ତାନ୍ତ୍ରିକ ଓ ପୌରାଣିକ ଧାରା ସହ ମିଶି ଏକ ସ୍ୱତନ୍ତ୍ର ଉପାସନା ସଂସ୍କୃତି ଗଢ଼ିଛି। ସ୍ତମ୍ଭେଶ୍ୱରୀ ବା ଖମ୍ବେଶ୍ୱରୀ ଉପାସନା ଏହି ପ୍ରାଚୀନ ଧାରାର ଅନ୍ୟତମ ସ୍ମାରକ।

ପଶ୍ଚିମ ଓଡ଼ିଶାର ଏହି ବିସ୍ତୃତ ଶକ୍ତି-ଭୂଗୋଳର କେନ୍ଦ୍ରରେ ଅଛନ୍ତି ମାଁ ସମଲେଶ୍ୱରୀ। ମହାନଦୀ କୂଳର ସମଲେଇ ଆଜି କେବଳ ଏକ ନଗରର ଅଧିଷ୍ଠାତ୍ରୀ ନୁହନ୍ତି, ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଅସ୍ମିତାର ପ୍ରତୀକ। ଚୌହାନ ରାଜବଂଶର ପୃଷ୍ଠପୋଷକତା ତାଙ୍କ ପୀଠକୁ ଐତିହାସିକ ପ୍ରତିଷ୍ଠା ଦେଇଥିଲେ ମଧ୍ୟ ସେ ଜନମାନସର ଚେତନାରେ ପରିବ୍ୟାପ୍ତ। ନୂଆଁଖାଇରେ ନୂତନ ଶସ୍ୟ ପ୍ରଥମେ ମାଆଙ୍କୁ ଅର୍ପଣ କରିବାର ପରମ୍ପରା ମାଟି, ଅନ୍ନ ଓ ମାତୃଶକ୍ତିର ଚିରନ୍ତନ ସମ୍ପର୍କକୁ ପ୍ରକାଶ କରେ।

ପାଟଣାଗଡ଼ ତଥା ବଲାଙ୍ଗିରର ମାଁ ପାଟଣେଶ୍ୱରୀଙ୍କ ପୀଠରେ ଦେବୀ ଓ ରାଜଶକ୍ତିର ନିବିଡ଼ ସମ୍ପର୍କ ଦୃଶ୍ୟମାନ। ପାଟଣାର ଚୌହାନ ରାଜପରମ୍ପରାରେ ସେ ଅଧିଷ୍ଠାତ୍ରୀ ଓ ରକ୍ଷାକର୍ତ୍ତ୍ରୀ। ରାଜା ରାଜ୍ୟ ଶାସନ କରନ୍ତି, କିନ୍ତୁ ରାଜ୍ୟର ରକ୍ଷା ଦେବୀଙ୍କ ହାତରେ। ଏହି ବିଶ୍ୱାସ ଏ ଅଞ୍ଚଳର ଅନେକ ଗଡ଼ଜାତର ଧର୍ମଚେତନାରେ ପ୍ରତିଫଳିତ।



ପଶ୍ଚିମ ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଚେତନାର ଅନ୍ୟତମ ପ୍ରାଚୀନ ଓ ଶକ୍ତିଶାଳୀ ସ୍ରୋତ ହେଉଛି ମାତୃଶକ୍ତିର ଉପାସନା। ଏଠାରେ ଦେବୀ କେବଳ ଦୁର୍ଗା, କାଳୀ କିମ୍ବା ଚଣ୍ଡୀଙ୍କ ଶାସ୍ତ୍ରୀୟ ବିଗ୍ରହରେ ସୀମିତ ନୁହନ୍ତି, କେଉଁଠି ସେ ସମଲେଇ, କେଉଁଠି ପାଟଣେଶ୍ୱରୀ, କେଉଁଠି ସୁରେଶ୍ୱରୀ, କେଉଁଠି ମାଣିକେଶ୍ୱରୀ; ପୁଣି କେଉଁଠି ଲଙ୍କେଶ୍ୱରୀ, ଖମ୍ବେଶ୍ୱରୀ, ଦ୍ୱାରସେନୀ, ମାଉଲି, ବୁଢ଼ୀମା, ସାତବହନି ଇତ୍ୟାଦି ରୂପରେ ଅଧିଷ୍ଠିତ ହୋଇଛନ୍ତି। ନାମ ଅଲଗା, ରୂପ ଅଲଗା, ଆଚାର ଅଲଗା କିନ୍ତୁ ଅନ୍ତର୍ନିହିତ ଚେତନା ଏକ- ସୃଷ୍ଟି ଓ ଜୀବନକୁ ଧାରଣ କରୁଥିବା ସେ ମାତୃଶକ୍ତି।

ରାଣୀପୁର-ଝରିଆଲର ଚଉଷଠି ଯୋଗିନୀ ପୀଠ ପଶ୍ଚିମ ଓଡ଼ିଶାର ତାନ୍ତ୍ରିକ ଶକ୍ତି ଉପାସନାର ଏକ ବିସ୍ମୟକର ନିଦର୍ଶନ। ଖୋଲା ଆକାଶ ତଳେ ବୃତ୍ତାକାର ଏହି ମନ୍ଦିର ଭାରତର ବିରଳ ଯୋଗିନୀ ପୀଠମାନଙ୍କ ମଧ୍ୟରୁ ଅନ୍ୟତମ। ଏଠାରେ ନାରୀଶକ୍ତି କେବଳ ସ୍ନେହମୟୀ ମାତୃରୂପ ନୁହେଁ; ସେ ତେଜସ୍ୱିନୀ, ରହସ୍ୟମୟୀ ଓ ତାନ୍ତ୍ରିକ ଶକ୍ତିର ପ୍ରତୀକ।

ସୁବର୍ଣ୍ଣପୁର ନିଜେ ଯେପରି ଏକ ଶକ୍ତିବଳୟ। ଏଠାରେ ସୁରେଶ୍ୱରୀ, ଖମ୍ବେଶ୍ୱରୀ, ଲଙ୍କେଶ୍ୱରୀ, ସମଲେଶ୍ୱରୀ ଆଦି ଦେବୀପୀଠ ପ୍ରାଚୀନ ଶାକ୍ତ-ତାନ୍ତ୍ରିକ ପରମ୍ପରାର ସ୍ମୃତିକୁ ବହନ କରେ। ସୁରେଶ୍ୱରୀ ପ୍ରାଚୀନ ନଗରର ଅଧିଷ୍ଠାତ୍ରୀ। ମହାନଦୀ ବକ୍ଷରେ ପୂଜିତା ଲଙ୍କେଶ୍ୱରୀଙ୍କ ପୀଠରେ ନଦୀ, ଲୋକବିଶ୍ୱାସ ଓ ମାତୃଶକ୍ତିର ଅପୂର୍ବ ସମନ୍ୱୟ ଦେଖାଯାଏ।

କଳାହାଣ୍ଡିର ଧର୍ମ ଓ ସଂସ୍କୃତି କଥା ମାଁ ମାଣିକେଶ୍ୱରୀଙ୍କ ବିନା ଅସମ୍ପୂର୍ଣ୍ଣ। ଭବାନୀପାଟଣାର ମାଣିକେଶ୍ୱରୀ ପୀଠ ରାଜପରମ୍ପରା, ଲୋକବିଶ୍ୱାସ ଓ ଜନଜାତୀୟ ସଂସ୍କୃତିର ଏକ ଅଦ୍ଭୁତ ସଙ୍ଗମ। ତାଙ୍କ ସହ ଜଡ଼ିତ ଛତର ଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା କଳାହାଣ୍ଡିର ସାମୂହିକ ସାଂସ୍କୃତିକ ଚେତନାର ଏକ ବିଶାଳ ପ୍ରକାଶ।

ତେବେ ଏହି ଶକ୍ତି ଧାରା କେତୋଟି ପ୍ରସିଦ୍ଧ ପୀଠରେ ସୀମିତ ନୁହେଁ। ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ନିକଟସ୍ଥ ପଣ୍ଡରିପାଣିର ସାତବହନି, କନଗାଁର କନଗେଇଁ, ରାମଚଣ୍ଡୀ, ଦେବଗଡ଼ର ପ୍ରଧାନପାଟେଶ୍ୱରୀ ଓ କନକଦୁର୍ଗା ଇତ୍ୟାଦି ଏହି ବିଶାଳ ଶକ୍ତି-ଭୂଗୋଳର ଏକ ଏକ ଅଂଶ। ଏହା ସହ ପଶ୍ଚିମ ଓଡ଼ିଶାର ଅସଂଖ୍ୟ ଗାଆଁରେ ମାଉଲି, ବୁଢ଼ୀମା, ପଲସାତଲିଏନ, ବହଲତଲିଏନ ଆଦି ନାମରେ ମାତୃଶକ୍ତି ପୂଜା ପାଉଛନ୍ତି; କେଉଁଠି ରାଜବଂଶର ରକ୍ଷୟିତ୍ରୀ, କେଉଁଠି ଅରଣ୍ୟ, ଝରଣାର ଅଧିଷ୍ଠାତ୍ରୀ ପୁଣି କେଉଁଠି ନିରାଡ଼ମ୍ବର ଗ୍ରାମଦେବୀ। ପଶ୍ଚିମ ଓଡ଼ିଶାର ଶକ୍ତି ଉପାସନାରେ ଆଦିବାସୀ ଓ ଶାସ୍ତ୍ରୀୟ ଧାରାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଏଠାରେ ଶତାବ୍ଦୀ ଶତାବ୍ଦୀ ଧରି ଉଭୟ ଧାରା ପରସ୍ପରକୁ ପ୍ରଭାବିତ କରିଛି। ଲୋକଦେବୀ ଶାସ୍ତ୍ରୀୟ ନାମ ପାଇଛନ୍ତି; ପୁଣି ଶାସ୍ତ୍ରୀୟ ଦେବୀ ଲୋକାଚାର ଗ୍ରହଣ କରିଛନ୍ତି। ତନ୍ତ୍ର ସହ ପୁରାଣ, ଜନଜାତୀୟ ବିଶ୍ୱାସ ସହ ବୈଦିକ ମନ୍ତ୍ର, ଗ୍ରାମଦେବୀ ସହ ମା' ଦୁର୍ଗା- ସବୁ ମିଶି ଏକ ନୂତନ ସାଂସ୍କୃତିକ ରୂପ ନେଇଛି। ଏହି ସମନ୍ୱୟ ହିଁ ଏହି ଅଞ୍ଚଳର ଶକ୍ତି ପରମ୍ପରାର ସବୁଠୁ ବଡ଼ ବୈଶିଷ୍ଟ୍ୟ। ରାଜବଂଶ ଲୋପ ପାଇଛି, ଗଡ଼ ଭାଙ୍ଗିଯାଇଛି, ଜନପଦର ସୀମା ବଦଳିଛି ତଥାପି ଦେବୀ ରହିଛନ୍ତି। କାରଣ ସେ କେବଳ ଚାରିକାନ୍ଥ ଭିତରର ଦେବୀ ନୁହନ୍ତି, ସେ ରହିଛନ୍ତି ମାଟିରେ, ଅନ୍ନରେ, ନଦୀଝରଣାରେ, ଅରଣ୍ୟରେ ଓ ସର୍ବୋପରି ଜନଜୀବନର ଆତ୍ମାରେ। ସେଥିପାଇଁ ବିପଦରେଆପଦରେ, ସୁଖରେ, ଦୁଃଖରେ ଏହି ମାଟିର ମଣିଷର ଓଠରୁ ସ୍ୱତଃ ଉଚ୍ଚାରିତ ହେଉଥାଏ ଗୋଟିଏ ଶବ୍ଦ- ମାଁ।

ମୋ: ୯୬୬୮୨୨୩୪୦୦

# ନୀତି ଅନୀତି ରାଜନୀତି

ଶ୍ରୀବିଦୁର

## ପଦ୍ମମଣିଙ୍କ ନୂଆ ଇନିଂସ

ରାଜନୀତିର ରଙ୍ଗମଞ୍ଚରେ ଆଉ କୁଆଡ଼େ ପଦ୍ମମଣି ଜୁଏଲଙ୍କ ମନ ଲାଗୁନି । ରାଉରକେଲା ସର୍କିଟ ହାଉସରେ ପାଣ୍ଡାନ ମହାନାଟକ, ୱାଇଟ୍ ପାସପୋର୍ଟର ଖୁସ୍‌ବୁ ରାଜଧାନୀ ଭୁବନେଶ୍ୱରର ଅତିକ୍ରମ କରି ଦିଲ୍ଲୀରେ ପହଞ୍ଚିବା ପରେ ରାଜନୀତି ମଞ୍ଚ ଅପେକ୍ଷା ପଦ୍ମମଣି ରଙ୍ଗମଞ୍ଚ ପ୍ରତି ବେଶୀ ଆକର୍ଷିତ ହୋଇଥିବା ସୁନ୍ଦରଗଡ଼ରେ ଚର୍ଚ୍ଚା ହେଉଛି । ଏବେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ତୁମ୍ବିତୋଫାନ ଚାଲିଛି, ଛଅ ମାସ ପରେ ପଞ୍ଚାୟତ ଓ ପୌର ନିର୍ବାଚନ । ଏତିକିବେଳେ ପଦ୍ମମଣି ସଭାସମିତି, ସଂଗଠନ ଛାଡ଼ି ମୁହଁରେ ପାଉଡ଼ର ବୋଳି ରଙ୍ଗମଞ୍ଚକୁ ଓହ୍ଲାଇବା କଥାକୁ ଦଳର ନେତା ଓ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଅବଶ୍ୟ ଜୁଏଲବାବୁଙ୍କ ଆଗାମୀ ନିର୍ବାଚନ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ ନୁହେଁ । ପୂର୍ବରୁ ସେ ଆଉ ନିର୍ବାଚନ ନ ଲଢ଼ି ରାଜ୍ୟପାଳ ହେବାକୁ ଇଚ୍ଛାବ୍ୟକ୍ତ କରିଥିଲେ, ଖୁସ୍‌ବୁ ପ୍ରକରଣ ପରେ ସେ ପୁଣି ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କଲେ । ତେଣୁ ଆଗାମୀ ଦିନରେ ତାଙ୍କୁ ପଦ୍ମ ଦଳ ଟିକଟ ଦେବ କି ନାହିଁ, ସେ ନିର୍ବାଚନ ଲଢ଼ିବେ କି ନାହିଁ; ଏ ସବୁ ତାଙ୍କ ବ୍ୟକ୍ତିଗତ କଥା । ମାତ୍ର ରାମଲୀଳା ମଇଦାନରେ ଅନୁଷ୍ଠିତ ନାଟକରେ ନିଷାଦ ରାଜ ଭୂମିକାରେ ତାଙ୍କର ବେଶଭୂଷା ଅତି ଚମତ୍କାର ହୋଇଥିବା ସାମାଜିକ ଗଣମାଧ୍ୟମରେ ଭାରି ଚର୍ଚ୍ଚା ଚାଲିଛି । ତାଙ୍କର ଦୀର୍ଘ କେଶ ଓ ନିଶ, ବିଶାଳ ବପୁକୁ ଖାପ ଖୁଆଇବା ପରି ବେଶପୋଷାକ ଦେଖିଲେ କାଷ୍ଟିଂ ନିର୍ଦ୍ଦେଶକଙ୍କ ପସନ୍ଦକୁ ଯେ କେହି ବି ପ୍ରଶଂସା କରିବ । ନାଟକରେ ଜୁଏଲ ବାବୁଙ୍କ ଅଭିନୟ ଆମେ ଦେଖିନାହୁଁ, ତେଣୁ ସେ କିପରି ଅଭିନୟ କଲେ ତାହା ଉପରେ କୌଣସି ଟିପ୍ପଣୀ ଦେବା ଯୁକ୍ତିଯୁକ୍ତ ହେବନାହିଁ । ମାତ୍ର ଆଗାମୀ ଦିନରେ ମନ୍ତ୍ରୀ ପଦ ହରାଇଲେ ବା ଭବିଷ୍ୟତରେ ଦଳୀୟ ଟିକଟ ନ ମିଳିଲେ ଜୁଏଲବାବୁଙ୍କ ପାଖରେ ଆଉ ଗୋଟିଏ ବିକଳ୍ପ ମହଜୁଦ୍ ଅଛି, ଏ କଥା କହିବା ଆଦୌ ଭୁଲ ହେବନାହିଁ । ■

## ଖାଲି ନୋଟସିଟ୍‌ରେ ଚେତାବନୀ

ଏକ ସମୟରେ ପଦ୍ମ ଦଳର ଫାୟାରବ୍ରାଣ୍ଡ ନେତା ସୁରେଶ ପୂଜାରୀ ଥିଲେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରମୁଖ ଦାବିଦାର । ମାତ୍ର ଶେଷରେ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟାରେ ସନ୍ତୁଷ୍ଟ ରହିବାକୁ ପଡ଼ିଲା । ରାଜସ୍ୱ ବିଭାଗ ଦାୟିତ୍ୱ ପାଇବା ପରେ ସେ ନିଜ ବିଭାଗରେ ବ୍ୟାପକ ସଂସ୍କାର ଆଣିବାକୁ ଘୋଷଣା କଲେ । ସାରା ରାଜ୍ୟରେ ବେଆଇନ ନିର୍ମାଣ, ଜବରଦଖଲ ଉପରେ ବୁଲଡ଼ୋଜର ଚଳାଯିବ ବୋଲି କହିଲେ; ବାଲି-ମାଟି-ପଥର ମାଫିଆଙ୍କୁ ସାବାଡ଼ କରାଯିବ ବୋଲି ବି ଚେତାବନୀ ଦେଲେ । ଏ କଥା ଶୁଣିବା ପରେ ଲୋକମାନେ ଭାବିଲେ ଯେ ରାଜ୍ୟରେ ବାଲିମାଫିଆଙ୍କ ଦିନ ଶେଷ, ଜବରଦଖଲକାରୀଙ୍କ ଅଧ୍ୟାୟ ଶେଷ । ହେଲେ ବାସ୍ତବ ଚିତ୍ର ଦେଖିବା ବେଳକୁ ପୁରା ଓଲଟା । ବାଲି ଉପରେ ଲେଖା ମନ୍ତ୍ରୀଙ୍କ ଧମକ ମାଫିଆଙ୍କ ପାଣିମାଡ଼ରେ କୁଆଡ଼େ ଲିଭିଗଲା ଯେ ଖୋଜିଲେ ବି ମିଳୁନାହିଁ । ପଦ୍ମ ସରକାରରେ ବାଲି, ମାଟି, ପଥର, ମୋରମ୍ ପୂର୍ବଠାରୁ ଚାରିଗୁଣ ବଢ଼ିଥିବା ଚାରିଆଡ଼ୁ ଖବର ଆସୁଛି; ବାଲିଘାଟ ନିଲାମ ନ କରି ସରକାର ଚୋରି ପାଇଁ ପରୋକ୍ଷରେ ପୃଷ୍ଠପୋଷକତା କରୁଥିବା, ତହସିଲଦାର ଆଖିକାନ ବନ୍ଦ କରି ଚୁପ୍ ହୋଇ ବସିଥିବା ଓ ପୁଲିସ ବାଲି ମାଫିଆଙ୍କ ସୁରକ୍ଷା କବଚ ସାଜିଥିବା ବି ଅଭିଯୋଗ ହେଉଛି । ଏକ ଆକଳନ ଅନୁସାରେ ରାଜ୍ୟର ବିଭିନ୍ନ ନଦୀରୁ ପ୍ରତିଦିନ ପ୍ରାୟ ଶହେ କୋଟି ଟଙ୍କାର ବାଲି ଉଠୁଛି ଓ ଯା ଭିତରୁ ଅଧେ ନେତା, ଅଧିକାରୀ, ପୁଲିସବାବୁମାନଙ୍କ ପକେଟରେ ପଶୁଛି । କଟକ ଜିଲ୍ଲାର ଜଣେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ(!) ବିଧାୟକ ତାଙ୍କ ନିର୍ବାଚନମଣ୍ଡଳୀର ଜଣେ ମାଫିଆଙ୍କଠାରୁ ପ୍ରାୟ ପଚାଶ ଲକ୍ଷ ଟଙ୍କାର ଗୋଟେ ଏସ୍‌ୟୁଭି ଉପହାର ନେଇଥିବା ସଦର ଅଞ୍ଚଳରେ ଚର୍ଚ୍ଚା ହେଉଛି । ଯାଜପୁର ଜିଲ୍ଲାରେ ଟଙ୍କା ବସ୍ତା କଳା ଥରରେ ବୁହା ହେଉଥିବା କୁହାଯାଉଛି; ଆଉ ମନ୍ତ୍ରୀଙ୍କ ଚେତାବନୀ ନାଲି ଫାଇଲ୍‌ର ନୋଟ ସିଟ୍ ଭିତରେ ବନ୍ଦୀ ହୋଇ ରହିଛି । ■

## ଜେନାବାବୁଙ୍କ ଡବଲ ଖୁସି

ପୁରୁଖା ଶଙ୍ଖୁଆ ଲୁଲୁ ଓରଫ୍ ଜେନାବାବୁଙ୍କ ଜାତକରେ ଏବେ ପଞ୍ଚମରେ ବୃହସ୍ପତି । ଗୋଟାଏ ଦିନରେ ଗୋଟାକ ପରେ ଗୋଟାଏ ଖୁସି ଖବର ଶୁଣିବା ପରେ ଜେନାବାବୁଙ୍କ ମୁହଁଟା କୁଆଡ଼େ କୁଆଁରପୁନେଇ ଜହ୍ନପରି ଝକମକ୍ କରୁଥିବା କେହିକେହି କହୁଛନ୍ତି । ମାହାଙ୍ଗା ପରିବର୍ତ୍ତେ ଆଗାମୀ ଦିନରେ ନିଜ ପୁରୁଣା ରାଜନୈତିକ ଚଉପାଢ଼ୀକୁ ଫେରିବାକୁ ଜେନାବାବୁ ଯୋଜନା ଆରମ୍ଭ କରିଦେଇଛନ୍ତି । କେଇଦିନ ପୂର୍ବରୁ ଧବଳ ଅବତାରକୁ ଫେରିଥିବା ନାଲିବାବା ଆଉ ତାଙ୍କର ପୁତ୍ରମଣି ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ ବିଜୟ ପାଇଁ ବସାଇଥିବା ଖଇଁଚିକୁ ପରିଜା-ରାୟ ଯୋଡ଼ି ରାତାରାତି ଗୁଣ୍ଡଗୁଣ୍ଡ କରି ଦେବା ଖବର ଶୁଣିବା ପରେ ଜେନାବାବୁ ଭାରି ଖୁସି । ଛାତ୍ର ସଂସଦ ନିର୍ବାଚନରେ ହାରଜିତ୍ କେବଳ ରେଭେନ୍ସା କ୍ୟାମ୍ପସର କାହାଣୀ ନୁହେଁ; ଏହା ଆଗାମୀ ଦିନ ପାଇଁ ଏକ ବଡ଼ ଇଙ୍ଗିତ । ରାଜ୍ୟସଭା ନିର୍ବାଚନରେ ଘୋଡ଼ା ହେବାକୁ ବାପା-ପୁଅଙ୍କ ନାଟକ ଆଉ ଯେ ଲୋକଙ୍କ ପାଇଁ ଅବୁଝା ନାହିଁ, ତାହା ରେଭେନ୍ସା ଫଳାଫଳ ପ୍ରମାଣିତ କରିଦେଇଛି । ଛାତ୍ରସଂସଦ ନିର୍ବାଚନରେ ବିଶ୍ୱାଳ ଏଣ୍ଡ ସନ୍ ଚିତ୍‌ପଟାଙ୍ଗ ଘଟଣାଟି ଖାଲି ପଦ୍ମ ଦଳିଆଙ୍କ ପାଇଁ ବଡ଼ ଧକ୍କା ହୋଇନାହିଁ; ଜେନା ଏଣ୍ଡ ଜେନା କମ୍ପାନୀର ଅନୁଗତମାନଙ୍କୁ ଭାରି ଆଶ୍ୱସ୍ତି ଦେଇଛି । ଠିକ୍ ଏତିକି ବେଳେ ଦୀର୍ଘଦିନ ଧରି ତାଙ୍କ ବିରୋଧରେ ଚାଲିଥିବା ହତ୍ୟା ମାମଲାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ସର୍ବୋଚ୍ଚ ଅଦାଲତ । ହାଇକୋର୍ଟଙ୍କ ରାୟକୁ ସର୍ବୋଚ୍ଚ ଅଦାଲତ କାଏମ ରଖିବା ଜେନାବାବୁଙ୍କ ପାଇଁ ଆଣିଛି ଡ଼ବଲ ଖୁସି । ଗୋଟିଏ ଦିନରେ ମାତ୍ର କେଇ ଘଣ୍ଟା ବ୍ୟବଧାନରେ ଗୋଟିଏ ପଟେ ପ୍ରତିପକ୍ଷ ଗୋଷ୍ଠୀର ପରାଜୟ, ଅନ୍ୟପଟେ ଦୀର୍ଘ ଆଇନଗତ ଲଢ଼େଇରେ ଆଶ୍ୱସ୍ତି ଖବର ଶୁଣିବା ପରେ ଲାଗୁଛି ଜେନାବାବୁଙ୍କ ଜାତକରେ ପଞ୍ଚମ ବୃହସ୍ପତି ଆଉ ଦଶମ ଶନି ଚଳନ ଏକା ସାଙ୍ଗରେ ହୋଇଛି । ■

## ଭାଇନାଙ୍କ ବାଉନ୍ସରରେ ଅପା ବୋଲ୍ଡ

ସାଧାରଣ ନିର୍ବାଚନ ପରେ ଗଲା କିଛିମାସ ହେଲା ନିମାପଡ଼ା ରାଜନୀତିରେ ଚାଲିଥିବା ରାଜନୈତିକ ଲଢ଼େଇର ପ୍ରଥମ ଇନିଂସରେ ଅପାଙ୍କୁ ହରାଇ ଦେଇଛନ୍ତି ଭାଇନା । ଭାଇନାଙ୍କ ବାଉନ୍ସରରେ ଅପା ପୁରା ବୋଲ୍ଡ ହୋଇ ଯାଇଛନ୍ତି । ଏହାକୁ କ୍ୟାମ୍ପସ ଖେଳ କହି ଏଡ଼ାଇବାକୁ ଅପାଙ୍କ ସମର୍ଥକ ଯେତେ ଉଦ୍ୟମ କରିଥିଲେ ହେଁ, ଏହାର ସୁଦୂର ପ୍ରଭାବ ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନରେ ପଡ଼ିବ ବୋଲି ଅନେକ ଆକଳନ କରୁଛନ୍ତି । ନିମାପଡ଼ା କଲେଜ ନିର୍ବାଚନରେ ଅପାଙ୍କ ସମର୍ଥିତ ଛାତ୍ରନେତାଙ୍କୁ ସହଜ ବିଜୟ ଦେବା ପାଇଁ ବିସିଜେଡି ପ୍ରାର୍ଥୀଙ୍କ ନାମାଙ୍କନକୁ କୁଆଡ଼େ ଚକ୍ରାନ୍ତ କରାଯାଇ ନାମାଙ୍କନ ରଦ୍ଦ କରିଦିଆଗଲା । ହେଲେ ପୂର୍ବରୁ ଅନେକବାର ରାଜନୈତିକ ମଇଦାନରେ ଅପାଙ୍କୁ ହରାଇଥିବା ଓ ଗଲା ନିର୍ବାଚନରେ ସମର୍ଥନ ଦେଇ ଜିତାଇଥିବା ଭାଇନାଙ୍କ ଗେମ୍ ଆଗରେ ଅପାଙ୍କ ଗେମ୍ ପ୍ଲାନ ଫିକା ପଡ଼ିଗଲା । ବିସିଜେଡି ଓ ଅନ୍ୟ ଛାତ୍ରସଂଘଗୁଡ଼ିକୁ ନିଜ ପକ୍ଷକୁ ଆଣି ଭାଇନା ସମୀର ଅଟିରେ ଅପାଙ୍କ ସମ୍ମାନକୁ ଧୂଳିରେ ଗଡ଼ାଇ 'ନବୀନବାବୁ, ଆମେ ତମ ଫ୍ୟାନ...' ଗୀତରେ କୁଆଡ଼େ ଏମିତି ନାଚିଲେ ଯେ ତାହାର ଶବ୍ଦ ରାଜଧାନୀକୁ ବି ଦୁଲୁକେଇ ଦେଇଥିବା ଅନେକ କହୁଛନ୍ତି । ଛାତ୍ର ରାଜନୀତିକୁ ବଡ଼ ରାଜନୀତିର ଛୋଟ ସଂସ୍କରଣ କୁହାଯାଏ । ସଂସଦ, ବିଧାନସଭା ନିର୍ବାଚନ ପରି ଏଠି ବି ପୋଷ୍ଟର ଲାଗେ, ପ୍ରଚାର ହୁଏ । ସେଥିପାଇଁ ଗୋଟିଏ କଲେଜର ଫଳାଫଳକୁ ନେଇ ବଡ଼ ନେତାଙ୍କ ଶିବିରରେ ହୁଏ ଆନନ୍ଦ ଓ ଅସନ୍ତୋଷର ହିସାବନିକାଶ । ତେଣୁ ନିମାପଡ଼ା କଲେଜ ଛାତ୍ରସଂସଦ ନିର୍ବର୍ଚନ ଫଳାଫଳ କେବଳ ଛୋଟିଆ ଇଙ୍ଗିତ ନୁହେଁ, ଏହା ଆଗାମୀ ଦିନରେ ନିମାପଡ଼ାରେ ଘଟିବାକୁ ଥିବା ଘଟଣାଗୁଡ଼ିକର ପୂର୍ବାଭାଷ ବୋଲି କହିଲେ ଆଦୌ ଭୁଲ ହେବ ନାହିଁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# ଶାକ୍ତ ପରମ୍ପରାରେ ଦଶ ମହାବିଦ୍ୟା

ଜଡ଼ଠାରୁ ଚେତନ ପର୍ଯ୍ୟନ୍ତ ସର୍ବତ୍ର ଶକ୍ତିମୟୀଙ୍କର ସତ୍ତା ବିଦ୍ୟମାନ । ପରଂବ୍ରହ୍ମଙ୍କର ଶକ୍ତି ଭାବରେ ଜଗଜ୍ଜନନୀ ଆଦ୍ୟାଶକ୍ତି ରଜ ଗୁଣରେ କରନ୍ତି ସୃଷ୍ଟିର ସର୍ଜନା, ସତ୍ତ୍ୱ ଗୁଣରେ ଜଗତକୁ କରନ୍ତି ପାଳନ ଏବଂ ତମୋ ଗୁଣରେ ରଚନା କରନ୍ତି ପ୍ରଳୟ । ତ୍ରିଗୁଣମୟୀ ମହାମୟୀଙ୍କର ମହିମା ଦେବୀ ଭାଗବତରେ ହୋଇଛି ବର୍ଣ୍ଣିତ । ସେ ଭୋଗରେ ଭବାନୀ, ପୌରୁଷରେ ଲକ୍ଷ୍ମୀ, କୋପରେ ଦୁର୍ଗା ଓ ପ୍ରଳୟ କାଳରେ କାଳୀ ରୂପ ଧାରଣ କରିଥାନ୍ତି । କାଳିକା ପୁରାଣ, ଶିବ ପୁରାଣ, ମାର୍କଣ୍ଡେୟ ପୁରାଣ ଓ ଦେବୀ ଭାଗବତରେ ଏହି ମହାଶକ୍ତିଙ୍କର ବିଭିନ୍ନ ନାମ ଓ ଉପାସନାର ପଦ୍ଧତି, ହୋଇଛି ଲିପିବଦ୍ଧ । ଦେବୀଙ୍କ ଉପାସନାକୁ ଆଧାର କରି ସୃଷ୍ଟ ଶାକ୍ତ ସମ୍ପ୍ରଦାୟ ମା'ଙ୍କ ଅନେକ ରୂପ ମଧ୍ୟରୁ ମୁଖ୍ୟତଃ ଆଶୁ ମୁକ୍ତି ପ୍ରଦାନ କାରିଣୀ ଦଶମହାବିଦ୍ୟାଙ୍କର ଉପାସନା କରିଥାନ୍ତି । ସାଧାରଣ ଭାବରେ ମହାବିଦ୍ୟାର ଅର୍ଥ ଶ୍ରେଷ୍ଠ ବିଦ୍ୟା । "ସା ବିଦ୍ୟା ଯା ବିମୁକ୍ତୟେ" ନ୍ୟାୟରେ କଳିହତ ମାନବକୁ ମୋହ ବନ୍ଧନରୁ ମୁକ୍ତ କରିବା ସହିତ ମୋକ୍ଷର ମାର୍ଗକୁ ସୁଗମ କରୁଥିବା ବିଦ୍ୟାର ନାମ ମହାବିଦ୍ୟା । ଏହି ମହାବିଦ୍ୟାମାନଙ୍କର ଉପାସନା ସଂସାରର ହିତ ସାଧନ କରିବା ସହିତ ଉପାସକଙ୍କର ସର୍ବାରିଷ୍ଟ ଖଣ୍ଡନ କରିବା ସଙ୍ଗେସଙ୍ଗେ ମୁକ୍ତିର ମାର୍ଗକୁ କରିଥାଏ କୁସୁମିତ ।

ଅନନ୍ତ ଗୋପାଳ ପଣ୍ଡା

ଦକ୍ଷ ପ୍ରଜାପତିଙ୍କର କନ୍ୟା ଦେବୀ ସତୀଙ୍କ କୋପାନଳରୁ ସୃଷ୍ଟି ହୋଇଥିଲେ ଏହି ଦଶମହାବିଦ୍ୟା । ବିଶ୍ୱସ୍ରଷ୍ଟା ଯଜ୍ଞରେ ଜାମାତା ଶିବ ଦକ୍ଷଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ନ କରିବାରୁ ପ୍ରତିଶୋଧ ପରାୟଣ ହୋଇ ଦକ୍ଷ ଶିବ ରହିତ ଯଜ୍ଞର କଲେ ଆୟୋଜନ । ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ ସୁଦ୍ଧା କନ୍ୟା ଉମା ଓ ଶଙ୍କରଙ୍କୁ କଲେ ନାହିଁ ନିମନ୍ତ୍ରଣ । ଯଜ୍ଞ ଦର୍ଶନାର୍ଥେ ଅନ୍ୟ ଭଗିନୀମାନଙ୍କ ଗମନକୁ ସନ୍ଦର୍ଶନ କରି ସେମାନଙ୍କ ସହଯାତ୍ରୀ ହେବା ନିମନ୍ତେ ସତୀ ଶିବଙ୍କୁ କଲେ ଅନୁରୋଧ । ଅନିମନ୍ତ୍ରିତ ଭାବେ ପିତ୍ରାଳୟ ଗମନ ମର୍ଯ୍ୟାଦାର ଉଲ୍ଲଙ୍ଘନ ଭାବି ଭବ କଲେ ବାରଣ । ସବିନୟ ଅନୁରୋଧ ପ୍ରତ୍ୟାଖ୍ୟାତ ହେବାରୁ ଉମାଙ୍କ କ୍ରୋଧାଗ୍ନି ହେଲା ପ୍ରଜ୍ୱଳିତ । ଆରକ୍ତ ଚକ୍ଷୁଯୁଗଳ ତଥା କମ୍ପିତ ଶରୀରରୁ ଜାତ ହେଲେ ଦଶ ମହାବିଦ୍ୟା । ଊର୍ଦ୍ଧ୍ୱରେ କାଳୀ, ନିମ୍ନରେ ଭୈରବୀ, ବାମରେ ଭୁବନେଶ୍ୱରୀ, ଦକ୍ଷିଣରେ ଛିନ୍ନମସ୍ତା, ସମ୍ମୁଖରେ ତାରା, ପଶ୍ଚାତ୍ ଭାଗରେ ବଗଳା, ଅଗ୍ନିକୋଣରେ ଧୂମାବତୀ, ବାୟୁକୋଣରେ ମାତଙ୍ଗୀ, ଐଶାନ୍ୟରେ ଷୋଡ଼ଶୀ ଓ ନୈଋତ କୋଣରେ କମଳା ଭାବରେ, ଦଶବିଧ ରୂପରେ ମା' ହେଲେ ପ୍ରକଟିତା ।

ଦଶମହାବିଦ୍ୟାଙ୍କ ପ୍ରଥମ ସ୍ୱରୂପ ହେଉଛନ୍ତି କାଳୀ, ମା' ଭୟଙ୍କର ରୂପରେ ଉଦ୍‌ଭାସିତା । କୃଷ୍ଣକାୟା, ମୁଣ୍ଡମାଳା ଧାରିଣୀ, ମୁକୁଳିତ କେଶା, ଲୋଳ ଜିହ୍ୱା ଯୁକ୍ତା ଆନାବୃତ ଶରୀର । ଦେବୀ ହେଉଛନ୍ତି ଚତୁର୍ଭୁଜା । ଗୋଟିଏ ହସ୍ତରେ ଛିନ୍ନ ମସ୍ତକ ଧାରଣ କରିଥିବାବେଳେ ଅନ୍ୟହସ୍ତ ଖଡ୍ଗରେ ଶୋଭିତା । ତୃତୀୟ ହସ୍ତ ଅଭୟ ଓ ଚତୁର୍ଥ ହସ୍ତ ବରଦ ମୁଦ୍ରାଯୁକ୍ତା । ସେ ଶିବଙ୍କ ଉପରେ ଦଣ୍ଡାୟମାନ । ଉପନିଷଦରେ ମା' କାଳୀଙ୍କ ରୂପକୁ ଜ୍ୱଳନ୍ତ ଅଗ୍ନି ଭାବରେ ବର୍ଣ୍ଣନା କରାଯାଇଅଛି । ମା'ଙ୍କ ଦ୍ୱିତୀୟ ସ୍ୱରୂପ ଅଟନ୍ତି ତାରା । ଜଗତର କଲ୍ୟାଣ ସାଧନ କରିବା ସଙ୍ଗେ ସଙ୍ଗେ ଜୀବମାନଙ୍କୁ ତ୍ରାଣ କରୁଥିବାରୁ ମା' ତାରା ନାମରେ ହୁଅନ୍ତି ଅଭିହିତା । ଦେବୀ ମୁକ୍ତ କେଶା, ନୀଳବର୍ଣ୍ଣା ଓ ଚର୍ତୁଭୁଜା । ଉପର ଦୁଇ ହସ୍ତରେ ଶତ୍ରୁ ସଂହାର ନିମନ୍ତେ ଅସ୍ତ୍ର ଧାରଣ କରିଥିବାବେଳେ ତଳ ଦୁଇ ହସ୍ତରେ ଏକ ପାତ୍ର ସହିତ ଉତ୍ପଳ ହୁଏ, ଶୋଭାୟମାନ । ମା' ତାରା ହେଉଛନ୍ତି ବୃହସ୍ପତି ଓ ଋଷି ବଶିଷ୍ଠଙ୍କର ଆରାଧ୍ୟା ଦେବୀ । ଶତ୍ରୁର ବିନାଶ ତଥା ମୋକ୍ଷ ପ୍ରାପ୍ତି ନିମନ୍ତେ ସାଧକ ମା' ତାରାଙ୍କର ଉପାସନା କରିଥାନ୍ତି ।

ତୃତୀୟ ମହାବିଦ୍ୟା ହେଉଛନ୍ତି ଷୋଡ଼ଶୀ ବା ତ୍ରିପୁର ସୁନ୍ଦରୀ । ଦେବୀ ଚତୁର୍ଭୁଜା ଓ ଅରୁଣବର୍ଣ୍ଣା । ସେ ମଧ୍ୟ ତ୍ରିଭୁବନରେ ସୌନ୍ଦର୍ଯ୍ୟମୟୀ ଦେବୀ ଭାବରେ ହୁଅନ୍ତି ଆରାଧିତା । ଦେବୀ ଚତୁର୍ଭୁଜା ହୋଇଥିବାରୁ ଚାରି ଭୁଜରେ ପାଶ, ଅଙ୍କୁଶ, ତୀର ଓ ଧନୁ ଧାରଣ କରିଥାନ୍ତି । ଦେବୀ ସର୍ବଦା ଷୋହଳ ବର୍ଷ ବୟସୀ ଭାବରେ ପ୍ରତିଭାତା ହେଉଥିବାରୁ ଷୋଡ଼ଶୀ ନାମରେ ହୁଅନ୍ତି ଅଭିହିତା । ମା' ସିଦ୍ଧି ପ୍ରଦାୟିନୀ, ଆତ୍ମଜ୍ଞାନ ଦାୟିନୀ ଏବଂ ସାଧକର ମନସ୍କାମନା ପୂର୍ଣ୍ଣକାରିଣୀ ଅଟନ୍ତି । ଚତୁର୍ଥ ମହାବିଦ୍ୟା ରୂପରେ ଭୁବନେଶ୍ୱରୀ ହୁଅନ୍ତି ପୂଜିତା । ସମସ୍ତଙ୍କ ହୃଦୟରେ ଦେବୀ ଅବସ୍ଥାନ କରୁଥିବାରୁ ଶାକ୍ତ ତନ୍ତ୍ରରେ ତାଙ୍କୁ ହୃଲ୍ଲେଖା ଭାବେ ନାମିତ କରାଯାଇଛି । ସେ ପରମବୈଷ୍ଣବୀ, ହାସ୍ୟମୁଖୀ ତଥା ଚତୁର୍ଭୁଜା । ଦୁଇ ଭୁଜରେ ପାଶ ଓ ଅଙ୍କୁଶ ଶୋଭାପାଉଥିବାବେଳେ ଅନ୍ୟ ଦୁଇ ହସ୍ତ ବରଦ ମୁଦ୍ରା ଓ ଅଭୟ ମୁଦ୍ରାରେ ଶୋଭିତା । ଲିଙ୍ଗରାଜ ମନ୍ଦିରରେ ଦେବୀ ଭୁବନେଶ୍ୱରୀ ରୂପରେ ପୂଜା ପାଉଥିବାବେଳେ ଶ୍ରୀମନ୍ଦିରରେ ବିରାଜିତା ମା'ସୁଭଦ୍ରାଙ୍କୁ ଶାକ୍ତ ଉପାସକମାନେ ଭୁବନେଶ୍ୱରୀ ଭାବରେ ଆରାଧନା କରିଥାନ୍ତି ।

ଦଶମହାବିଦ୍ୟାଙ୍କ ମଧ୍ୟରେ ପଞ୍ଚମ ମହାବିଦ୍ୟା ହେଉଛନ୍ତି ଭୈରବୀ । ଦେବୀ ସମସ୍ତଙ୍କ ମଧ୍ୟରେ କୁଣ୍ଡଳିନୀ ରୂପେ ଅବସ୍ଥାପିତା । ଭୈରବୀଙ୍କ ଗଳାରେ ଶୋଭାପାଏ ମସ୍ତକମାଳା । ସେ ଚତୁର୍ଭୁଜା ଓ ତ୍ରିନେତ୍ରା । ଦେବୀ ଦୁଇ ଭୁଜରେ ପୁସ୍ତକ ଓ ଜପାମାଳା ଧାରଣ କରିଥିବାବେଳେ ଅନ୍ୟ ଦୁଇ ଭୁଜ ବରଦ ଓ ଅଭୟ ମୁଦ୍ରାରେ ଶୋଭାୟମାନା । ଦେବୀ ସାଧକଙ୍କୁ ସମସ୍ତ ପ୍ରକାର ଚିନ୍ତାରୁ ମୁକ୍ତ କରିବା ସହିତ ବାକ୍ ସିଦ୍ଧି ଓ ମାନସିକ ଶାନ୍ତି ପ୍ରଦାନ କରିଥାନ୍ତି । ଷଷ୍ଠ ମହାବିଦ୍ୟା ଭାବେ ଛିନ୍ନମସ୍ତା ହୁଅନ୍ତି ପୂଜିତା । ସେ ମଧ୍ୟ ପ୍ରଚଣ୍ଡ ମୂର୍ତ୍ତି ଭାବରେ ହୁଅନ୍ତି ଅଭିହିତା । ଦେବୀ ନିଜ ମସ୍ତକ ନିଜେ ଛିନ୍ନ କରିଥିବାରୁ ତାଙ୍କର ନାମ ଛିନ୍ନମସ୍ତା । ମା'ଙ୍କ ଗଳାରୁ ନିର୍ଗତ ତ୍ରିଧାର ଶୋଣିତରୁ ଏକଧାରା ମା' ନିଜେ ପାନ କରିବା ସହିତ ଅନ୍ୟ ଦୁଇ ଧାର ପାର୍ଶ୍ୱରେ ବିରାଜିତା ଡାକିନୀ ଓ ବର୍ଣ୍ଣିନୀଙ୍କୁ ପ୍ରଦାନ କରିଥାନ୍ତି । ଏହି ତ୍ରୟମୂର୍ତ୍ତି ତ୍ରିଗୁଣର ପ୍ରତୀକ । ଦେବୀ ଶତ୍ରୁ ସଂହାରକାରିଣୀ, ସିଦ୍ଧି ପ୍ରଦାୟିନୀ, ତଥା ସମସ୍ତ ଦୁର୍ଭାଗ୍ୟ ନାଶ କାରିଣୀ ।

ସପ୍ତମ ମହାବିଦ୍ୟା ରୂପେ ଉପାସିତା ହୁଅନ୍ତି ଧୂମାବତୀ । ଦେବୀ ଦୀର୍ଘାଙ୍ଗୀ ଓ ମଳିନ ବସ୍ତ୍ର ପରିହିତା । ସେ ବିଧବା ବେଶରେ ଭୂଷିତା । ଦେବୀଙ୍କ ଦୁଇ ଭୁଜମଧ୍ୟରୁ ଗୋଟିକରେ କୁଲା ଶୋଭାୟମାନ ହେଉଥିବାବେଳେ ଅନ୍ୟ ହସ୍ତ ବରଦମୁଦ୍ରାରେ ଶୋଭିତା । ସାଧକ ଏ ଦେବୀଙ୍କୁ ଉପାସନା କରି ସମସ୍ତ ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତ ହୋଇଥାଏ । ଅଷ୍ଟମ ମହାବିଦ୍ୟା ହେଉଛନ୍ତି ବଗଳାମୁଖୀ । ଦେବୀ ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀରେ ଆବିର୍ଭୂତା ହୋଇଥିଲେ । ଦେବୀ ପୀତବସ୍ତ୍ର ପରିହିତା ଓ ସ୍ୱର୍ଣ୍ଣ ସିଂହାସନରେ ବିରାଜିତା । ଦେବୀ ହେଉଛନ୍ତି ତ୍ରିଭୂଜା । ଦକ୍ଷିଣ ହସ୍ତରେ ମୁଦ୍‌ଗର ଧାରଣ କରିଥିବାବେଳେ ବାମ ହସ୍ତରେ ଶତ୍ରୁର ଜିହ୍ୱା ଶୋଭା ପାଉଥାଏ । ମା' ସାଧକର ସମସ୍ତ ବାଧା ଦୂରୀଭୂତ କରିବା ସହିତ ଶତ୍ରୁର କରିଥାନ୍ତି ବିନାଶ ସାଧନ ।

ନବମ ମହାବିଦ୍ୟା ହେଉଛନ୍ତି ମାତଙ୍ଗୀ । ସେ ଦିବାକରଙ୍କର ଅଟନ୍ତି ଇଷ୍ଟଦେବୀ । ମା'ଙ୍କ ଶରୀରର ବର୍ଣ୍ଣ ଶ୍ୟାମଳ । ସେ ଚତୁର୍ଭୁଜା, ତ୍ରିନୟନା, ତଥା ରତ୍ନସିଂହାସନରେ ଆସୀନା । ଦେବୀ ବାଦ୍ୟ ପ୍ରିୟା ଓ ସଂଗୀତ ଶାସ୍ତ୍ରରେ ସିଦ୍ଧିଦାୟିନୀ । ମା' ଚତୁର୍ଭୁଜରେ ପାଶ, ଅଙ୍କୁଶ, ଖଡ୍‌ଗ ଓ ଖେଟକ ଧାରଣ କରିଥାନ୍ତି । ଦେବୀ ମାତଙ୍ଗୀ ସାଧକ ତଥା ଭକ୍ତମାନଙ୍କୁ ବିପଦରୁ ପରିତ୍ରାଣ କରିଥାନ୍ତି । ଶେଷ ତଥା ଦଶମ ମହାବିଦ୍ୟା, ଭାବରେ ଅଭିହିତା ହୁଅନ୍ତି ମା' କମଳା । ଜଗତରେ ଭୋଗୈଶ୍ୱର୍ଯ୍ୟର ଯାହା କିଛି ଦୃଷ୍ଟିଗୋଚର ହୋଇଥାଏ, ତାହା ମା'ଙ୍କ କରୁଣାର ନିଦର୍ଶନ ଅଟେ । ସେ ବିଶ୍ୱର ଧନ ଓ ଐଶ୍ୱର୍ଯ୍ୟର କର୍ତ୍ତ୍ରୀ ଅଟନ୍ତି । ଚାରିଗୋଟି ହସ୍ତୀ ମା' କମଳାଙ୍କୁ ସ୍ୱର୍ଣ୍ଣକୁମ୍ଭରେ କରୁଥାନ୍ତି ଅଭିଷେକ । ଦେବୀ ଚତୁର୍ଭୁଜା ଭାବରେ ଦୁଇ ହସ୍ତରେ ଦୁଇଟି ପଦ୍ମ ଧାରଣ କରିଥିବାବେଳେ ଅନ୍ୟ ଦୁଇ ହସ୍ତ ଅଭୟ ଓ ବରଦ ମୁଦ୍ରାରେ ଶୋଭିତା । ସାଧକ ଦେବୀଙ୍କ କୃପାରୁ ଧନ ଓ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଥାଏ ।

ଶାରଦୀୟ ଦୁର୍ଗୋତ୍ସବ ଅବସରରେ ସେହି ଦଶ ମହାବିଦ୍ୟା ଯଥା- "ମହାକାଳୀ, ତଥା ତାରା ଷୋଡ଼ଶୀ ଭୁବନେଶ୍ୱରୀ, ଭୈରବୀ, ବଗଳା ଛିନ୍ନମସ୍ତା ମହାତ୍ରିପୁରସୁନ୍ଦରୀ, ଧୂମାବତୀ, ଚ ମାତଙ୍ଗୀ ନୃଣାମସ୍ତୁ ବିମୁକ୍ତିଦା"ଙ୍କର ଆରାଧନା ଯେ ସାଧକ ଓ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଆଧିଦୈବିକ ଓ ଆଧିଭୌତିକ ତାପ ତ୍ରୟରୁ ମୁକ୍ତ କରାଇବା ସହିତ ମୁକ୍ତିର ମାର୍ଗକୁ କରିପାରିବ କୁସୁମିତ ଏଥିରେ ହେବାର ନାହିଁ ଦ୍ୱିମତ । ■

ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

## କେମିତି କଟିବ ସପ୍ତାହ

**ମେଷ** – ରବି, ସୋମବାରରେ ଉତ୍ତମ ଆସନରେ ଅଳଂକୃତ ହୋଇପାରନ୍ତି । ଧନ ସମ୍ମାନ ପ୍ରାପ୍ତି ହେବ । ମଙ୍ଗଳ, ବୁଧବାରରେ ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରିବେ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଗୁରୁ, ଶୁକ୍ର, ଶନିବାରରେ ଅଯଥା ବ୍ୟୟରେ ପଡ଼ିଯାଇପାରନ୍ତି । ବ୍ୟବସାୟିକ ଆୟବ୍ୟୟ ସମାନ ରହିବ ।

**ବୃଷ** – ରବି, ସୋମବାରରେ ସ୍ୱପ୍ନ ସାକାର ହୋଇପାରେ । ଉଚ୍ଚ ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ସମସ୍ୟା ବହୁଳ ରହିବ । ରାଜନୀତିରେ ବିରୋଧୀ ପ୍ରଭାବିତ କରିବେ । ଗୁରୁ, ଶୁକ୍ର, ଶନିବାରରେ ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ ।

**ମିଥୁନ** – ରବି, ସୋମବାରରେ ଉଚ୍ଚ ସମ୍ମାନ ପ୍ରାପ୍ତି ହେବ । ସମସ୍ତ କାର୍ଯ୍ୟରେ ସଫଳ ହେବ । ମଙ୍ଗଳ, ବୁଧବାରରେ ମହିଳାମାନେ ଚଳଚଞ୍ଚଳ ରହିବେ । ସାଙ୍ଗମାନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ କାର୍ଯ୍ୟ ବିଳମ୍ବ ଦେଖାଦେବ । ସନ୍ତାନମାନଙ୍କ ପାଇଁ ଚିନ୍ତା ଲାଗି ରହିବ ।

**କର୍କଟ** – ରବି, ସୋମବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ପଡ଼ୋଶୀଙ୍କଠାରୁ ସଂପୂର୍ଣ୍ଣ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ କାର୍ଯ୍ୟସିଦ୍ଧି ସହ ଭାଇଭଉଣୀଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ସମାଜରେ ଲୋକସମ୍ପର୍କ ବୃଦ୍ଧି ପାଇବ । ବ୍ୟବସାୟିକ ସଫଳତା ମିଳିବ ।

**ସିଂହ** – ରବି, ସୋମବାରରେ ବ୍ୟବହାରିକ କାର୍ଯ୍ୟରେ ବାଧା ଦେଖାଦେବ । ମଙ୍ଗଳ, ବୁଧବାରରେ ପରିବାରରେ ସୁଖ ସନ୍ତୋଷ ବୃଦ୍ଧି ପାଇବ । ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି ହେବ । ଗୁରୁ, ଶୁକ୍ର, ଶନିବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହେବ । ବ୍ୟବସାୟିକ ପୁଞ୍ଜିନିବେଶ କରି ସଫଳ ହେବେ ।

**କନ୍ୟା** – ରବି, ସୋମବାରରେ ବିଭିନ୍ନ ସମସ୍ୟାର ସମାଧାନ କରିବେ । ଅତିଥିଙ୍କ ଆଗମନ ହୋଇପାରେ । ମଙ୍ଗଳ, ବୁଧବାରରେ ପାରିବାରିକ ବୁଝାମଣା ଭଲ ରହିବ । ଜୀବନରେ ନୂତନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ଭାଇଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟିକ ଉନ୍ନତି ହେବ ।

**ତୁଳା** – ରବି, ସୋମବାରରେ ବିଭିନ୍ନ ଦିଗରୁ ଅର୍ଥପ୍ରାପ୍ତି । ପଡ଼ୋଶୀଙ୍କ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି ପାଇବ । ଭାଇଭଉଣୀଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ଆତ୍ମବିଶ୍ୱାସର ଅଭାବ ଦେଖାଦେବ । ବ୍ୟବସାୟୀମାନେ ଦୂରଯାତ୍ର କରିପାରନ୍ତି । ବିଦ୍ୟାର୍ଥୀ ଅସ୍ଥିରମନା ହେବେ ।

**ବିଛା** – ରବି, ସୋମବାରରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ । ପ୍ରଶାସନିକ ଦାୟିତ୍ୱବୋଧ ରହିବ । ମଙ୍ଗଳ, ବୁଧବାରରେ ବନ୍ଧୁ ମନାନ୍ତର ହୋଇପାରେ । ଗୁରୁ, ଶୁକ୍ର, ଶନିବାରରେ ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । କଠିନ ପରିଶ୍ରମର ଫଳପ୍ରାପ୍ତି ହେବ । ବ୍ୟବସାୟ ଲାଭଜନକ ରହିବ ।

**ଧନୁ** – ରବି, ସୋମବାରରେ ସୁସ୍ୱାଦୁ ଭୋଜନ ପାଇବେ । ବସ୍ତ୍ରାଦି ଆଭୂଷଣ ସୁଖ ରହିଛି । ବନ୍ଧୁ ସହଯୋଗ ପାଇ ଆଗକୁ ବଢ଼ିବେ । ମଙ୍ଗଳ, ବୁଧବାରରେ ବିରୋଧାଭାସ ମନୋବୃତ୍ତି ରଖି କଷ୍ଟ ପାଇବେ । ଅର୍ଥାଭାବ ଦେଖାଦେଇପାରେ । ଗୁରୁ, ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀ ଦୃଢ଼ମନା ହେବେ ।

**ମକର** – ରବି, ସୋମବାରରେ ଅଯଥାରେ ବ୍ୟୟବହୁଳତାରେ ପଡ଼ିଯାଇପାରନ୍ତି । ମହିଳାମାନେ ହତାଦର ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ହର୍ଷୋଲ୍ଲାସ ଓ ଭ୍ରମଣଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ କ୍ୟାରିୟର ପାଇଁ ଚିନ୍ତିତ ରହିପାରନ୍ତି । କାର୍ଯ୍ୟରେ ବାଧା ଉପୁଜିପାରେ । ଗୁରୁଜନଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରନ୍ତୁ ।

**କୁମ୍ଭ** – ରବି, ସୋମବାରରେ ଆଶା ମୁତାବକ ଫଳ ପାଇବେ । ମଙ୍ଗଳ, ବୁଧବାରରେ ସାଙ୍ଗସାଥୀଙ୍କ ସହ ଦୂରଯାତ୍ରା କରିପାରନ୍ତି । କର୍ମକ୍ଷେତ୍ରରେ ସୁଚାରୁ ରୂପରେ କାର୍ଯ୍ୟ କରି ସୁନାମ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ଦାମ୍ପତ୍ୟ ଜୀବନରେ ସୁଖସନ୍ତୋଷ ବୃଦ୍ଧି । ବ୍ୟବସାୟ ସନ୍ତୋଷଜନକ ରହିବ ।

**ମୀନ** – ରବି, ସୋମବାରରେ ପରିବାର ସହ ସୁଖଶାନ୍ତିରେ ରହିବେ । ମଙ୍ଗଳ, ବୁଧବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଆର୍ଥିକ ଯୋଜନା କାର୍ଯ୍ୟକାରୀ ହେବ । ଗୁରୁ, ଶୁକ୍ର, ଶନିବାରରେ ଉଚ୍ଚଆଶା ସଫଳ ହେବ । ବ୍ୟବସାୟିକ ଆୟ ବୃଦ୍ଧି ହେବ । ■